ସକାଳ THE SAKALA

ମୟୂରଭଞ୍ଜ

www.sakalaepaper.com

**ରହିଛି ଟାୱାର, ଲୋକଙ୍କୁ ମିଳୁନି ସେବା**

# ଡିଜିଟାଲ ଯୁଗରେ ଦେଉରାଇଡିହି ଗ୍ରାମରେ ନାହିଁ ନେଟୱର୍କ

ରାଇରଙ୍ଗପୁର, ୧୨।୨ (ସମିସ): ସରକାରଙ୍କ ଡିଜିଟାଲ୍ ଇଣ୍ଡିଆ ନାରା କେବଳ ଘୋଷଣା ବାଜିରେ ହିଁ ସୀମିତ ହୋଇ ରହିଯାଇଛି। ଠିକ ଭାବେ ଗ୍ରାମରେ ନେଟୱର୍କ ରହୁ ନ ଥିବାବେଳେ ଡିଜିଟାଲ ଇଣ୍ଡିଆରେ ଗ୍ରାମକୁ ଇଣ୍ଟରନେଟ ସୁବିଧା ଯୋଗାଇବା ସାତସପନ ହୋଇଛି। ବାମନଘାଟି ଉପଖଣ୍ଡର ବହଳଦା ବ୍ଲକ ଅନ୍ତର୍ଗତ ଅସନା ପଞ୍ଚାୟତର ଦେଉରାଇଡ଼ିହି ଗ୍ରାମରେ ଏଭଳି ସମସ୍ୟା ଜାରି ରହିଛି। ଗ୍ରାମରେ ମୋବାଇଲ ଅଛି, ଟାୱାର ବି ଅଛି, କିନ୍ତୁ ମୋବାଇଲ ନେଟୱର୍କ ନାହିଁ। ଫଳରେ ଡିଜିଟାଲ ସେବାରୁ ଲୋକେ ବଞ୍ଚିତ ହୋଇଛନ୍ତି।




ବିଏସଏନଏଲ ପକ୍ଷରୁ ବର୍ଷକ ପୂର୍ବରୁ ଏକ ମୋବାଇଲ ଟାୱାର ସ୍ଥାପନ କରାଯାଇଥିଲା। କିନ୍ତୁ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ମନୋଭାବ ଫଳରେ ଟାୱାରଟି କେବଳ ଏକ ଲୁହା ଖୁଣ୍ଟ ସଦୃଶ୍ୟ ଛିଡ଼ା ହୋଇରହିଛି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦେଉରାଇଡ଼ିହି ଗ୍ରାମରେ ବିଏସଏନଏଲ ଟାୱାର ସ୍ଥାପିତ ହେବା ପରେ ପଟକାଡିହି, ସାଗଯୋଡି, ଟାଙ୍ଗରଯୋଡ଼ା, ଫଟାଟାଙ୍ଗର, ବୁରୁସାହି ଓ ଭାଲୁଗୋଡା ଭଳି ଅନେକ ବଣ ପାହାଡ ଘେରରେ ଥିବା ଗ୍ରାମରେ ବସବାସ କରୁଥିବା ହଜାର ହଜାର ଲୋକଙ୍କ ମଧ୍ୟରେ ମୋବାଇଲ ସେବା ପାଇବା ନେଇ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ବର୍ଷାଧିକ କାଳ ପରେ ମଧ୍ୟ ଉକ୍ତ ବିଏସଏନଏଲ ଟାୱାର କାର୍ଯ୍ୟକ୍ଷମ ହୋଇ ନ ପାରିବା ଫଳରେ ମୋବାଇଲ ନେଟୱର୍କ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜିକାଲି ସମସ୍ତ କାର୍ଯ୍ୟ ଅନଲାଇନ ମାଧ୍ୟମରେ ହେଉଥିବାବେଳେ ଇଣ୍ଟରନେଟ୍ ସେବା ଅଭାବରୁ ବିଭିନ୍ନ ଅନଲାଇନ୍ କାମ ସହ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବହୁ ଅସୁବିଧା ସୃଷ୍ଟି ହେଉଛି। ଜରୁରିକାଳୀନ ପରିସ୍ଥିତିରେ ଗ୍ରାମକୁ ଏକ ଆମ୍ବୁଲାନ୍ସ ମଧ୍ୟ ଆସି ପାରୁନାହିଁ। କୌଣସି ସରକାରୀ ଯୋଜନାର ଲାଭ ଉଠାଇବାକୁ ହେଲେ ଗ୍ରାମବାସୀଙ୍କୁ ନେଟୱର୍କ ଖୋଜି ଖୋଜି ଉଚ୍ଚ ସ୍ଥାନ କିମ୍ବା ପାହାଡ଼ ଉପରକୁ ଯିବାକୁ ପଡୁଛି। ଟାୱାର ବସିଲା ବେଳେ ଯେଉଁ ଆଶାର ସଞ୍ଚାର ହୋଇଥିଲା ତାହା ମଉଳିଯାଇଛି। ଏହା କେବଳ ଏକ ପ୍ରହସନ ପାଲଟିଛି ବୋଲି ସ୍ଥାନୀୟ ବାସିନ୍ଦା କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏହି ଟାୱାରରେ କେବେ ଯନ୍ତ୍ରାଂଶ ଲାଗିବ ଓ କେବେ ଏହା କାର୍ଯ୍ୟକ୍ଷମ ହେବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରୁନାହିଁ। ପ୍ରଶାସନର ଉଦାସୀନତା ଯୋଗୁଁ ସାଧାରଣ ଲୋକେ ସୂଚନା ଓ ଯୋଗାଯୋଗ ପରି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହେଉଛନ୍ତି। ବିଏସଏନଏଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଦେଶ ସ୍ୱାଧୀନ ହେବାର ସାତ ଦଶନ୍ଧିରୁ ବି ଊର୍ଦ୍ଧ୍ୱ ସମୟ ବିତି ଯାଇଛି, କିନ୍ତୁ ଏବେ ବି ଗ୍ରାମରେ ନେଟୱର୍କ ଅପହଞ୍ଚ ରହିଛି। ଡିଜିଟାଲ ଇଣ୍ଡିଆ ନେଇ ସରକାର ନାରବାଜି କରୁଥିବା ବେଳେ ସରକାରୀ ଘୋଷଣାବାଜି କେବଳ କାଗଜ କଲମରେ ସୀମିତ ରହିଯାଇଛି। ନେଟୱର୍କ ସ୍ଥାପନ ନେଇ କୋଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଯାହାକୁ ନେଇ ଡିଜିଟାଲ ଯୁଗରେ ବି ଲୋକେ ନେଟୱର୍କ ସମସ୍ୟା ଭୋଗୁଛନ୍ତି। ବିପଦପୂର୍ଣ୍ଣ ଅବସ୍ଥାରେ ଗଛ ଚ଼ଢିଲେ ନେଟୱର୍କ ଆସୁଛି ତ କେତେବେଳେ ନାହିଁ। ସରକାର ଡିଜିଟାଲ ଇଣ୍ଡିଆ ଡିଣ୍ଡିମ ପିଟୁଥିବା ବେଳେ ଗ୍ରାଉଣ୍ଡ ଅଞ୍ଚଳର ସମସ୍ୟା କେବେ ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଛି।

**● ଦୁଇ ଗୋଷ୍ଠୀ ମଧ୍ୟରେ ବଚସାକୁ ନେଇ ଛୁରାମାଡ଼**

## ଜଣେ ଗୁରୁତର, ହସ୍ପିଟାଲରେ ଭର୍ତ୍ତି



ବାରିପଦା, ୧୨।୨(ସମିସ): ବାରିପଦା ସହରରେ ଦୁଇ ଗୋଷ୍ଠୀ ମଧ୍ୟରେ ବଚସାକୁ କେନ୍ଦ୍ର କରି ଛୁରା ମାଡ଼ ହୋଇଛି। ଫଳରେ ଜଣେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ବ୍ୟାଡମିଣ୍ଟନ ଖେଳକୁ ନେଇ ପୂର୍ବରୁ ଦୁଇ ଗୋଷ୍ଠୀ ମଧ୍ୟରେ ବଚସା ହୋଇଥିଲା। ଯାହାକୁ କେନ୍ଦ୍ର କରି ଗୁରୁବାର ଅଘଟଣ ଘଟିଛି। ଭାରତ ବନ୍ଦ ଥିବାବେଳେ କଲେଜ ରୋଡ ନିକଟରେ କିଛି ଯୁବକ ଛିଡା ହୋଇଥିଲେ। ଏ ସମୟରେ ଅନ୍ୟ ଗୋଷ୍ଠୀର କିଛି ଯୁବକ ଆସି ହିମାଂଶୁ ବାରିକ ଓ ତାଙ୍କ ସାଙ୍ଗଙ୍କ ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ତାହା ଉଗ୍ର ରୂପ ଧାରଣ କରିବାରୁ ମରଣାନ୍ତକ ଆକ୍ରମଣ କରିଥିଲେ। ଜଣେ ଯୁବକଙ୍କ ଦୁଇ ହାତକୁ ହାଣି ଦେଇ ଫେରାର ହୋଇ ଯାଇଥିଲେ। ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗକ୍ରମେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ଅବକାରୀ ଥାନା ପକ୍ଷରୁ ଚଢ଼ଉ, ଦେଶୀମଦ ଜବତ



ବୈଶିଙ୍ଗା, ୧୨।୨(ସମିସ): ବୈଶିଙ୍ଗା ଥାନା ନଡପୁର ପଞ୍ଚାୟତ ଅଧୀନ କଇଁଫୁଲିଆ ଗ୍ରାମରେ ଅବକାରୀ ଥାନା ପକ୍ଷରୁ ଗୁରୁବାର ଚଢ଼ଉ କରାଯାଇ ବିପୁଳ ପରିମାଣ ବିଦେଶୀମଦ ଜବତ କରାଯାଇଛି। ମାଣତ୍ରୀ ଜାଗରମେଳାରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ବିପୁଳ ପରିମାଣର ନକଲି ବିଷାକ୍ତ ବିଦେଶୀମଦ ସମେତ ଓଡ଼ିଶାରେ ବିକ୍ରି ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ଚୋରା ବିଦେଶୀମଦ ବାହାର ଜିଲ୍ଲାରୁ ଆମଦାନୀ କରି କଇଁଫୁଲିଆ ଗ୍ରାମରେ ଗଚ୍ଛିତ କରି ରଖାଯାଇଥିବା ବାବଦରେ ଖବରପାଇ ବେତନଟୀ ଅବକାରୀ ଥାନା ଅଧିକାରୀ ଖୁଣ୍ଟିଆ ଓ ଉଦଳା ଅବକାରୀ ଟିମ ସମେତ ସଶସ୍ତ୍ର ପୁଲିସ ଫୋର୍ସ ସହାୟତାରେ ଗୁରୁବାର ଚଢ଼ଉ କରିଥିଲେ। ଚଢ଼ଉ ସମୟରେ କଇଫୁଲିଆ ଗ୍ରାମର ମାଦ ହାଁସଦାଙ୍କ ଘର ଭିତରେ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ନକଲି ବିଷାକ୍ତ ବିଦେଶୀମଦ ଜବତ କରିଥିଲେ। ଏ ନେଇ ବେତନଟୀ ଅବକାରୀ ଥାନା ଅଧିକାରୀ ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇ ଥିବାବେଳେ ଫେରାର ଥିବା ଘର ମାଲିକକୁ ଗିରଫ କରିବାକୁ ଚଢ଼ଉ ଜାରି ରହିଛି।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ, ମହିଳା ମୃତ

ରାଇରଙ୍ଗପୁର/କରଞ୍ଜିଆ, ୧୨।୨(ସମିସ): ଯଶିପୁର ଥାନା ଅଞ୍ଚଳରେ ଏକ ବାଇକକୁ ଦ୍ରୁତଗାମୀ ଟ୍ରକ ପଛପଟୁ ଧକ୍କା ଦେବାରୁ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ କରଞ୍ଜିଆ ଥାନା ଅନ୍ତର୍ଗତ ସିମିଗାଁ ଅଞ୍ଚଳର ପାର୍ବତୀ ମହାନ୍ତ(୩୪)। ସେ ତାଙ୍କ ସ୍ୱାମୀଙ୍କ ସହ ବାଇକ ଯୋଗେ ବାରିପଦାକୁ ଯାଉଥିଲେ। ପଦମପୁର ନିକଟରେ ଏକ ଟ୍ରକ ଦ୍ରୁତ ଗତିରେ ଆସି ପଛ ପଟୁ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ଭାରସାମ୍ୟ ହରାଇ ଉଭୟ ତଳେ ପଡ଼ିଯିବାରୁ ପାର୍ବତୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଯଶିପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ କେନ୍ଦୁଝର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ପାର୍ବତୀଙ୍କ ମୃତ୍ୟୁ ଘଟିଛି। ଏନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୁଲିସ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଟ୍ରକ ଓ ବାଇକକୁ ଜବତ କରି ତଦନ୍ତ ଜାରି ରହିଛି।

## ବାଇକ୍ ଧକ୍କାରେ ଦୁଇ ଛାତ୍ରୀ ଗୁରୁତର ଆହତ

ବୈଶିଙ୍ଗା, ୧୨।୨ (ସମିସ): ବୈଶିଙ୍ଗା ଥାନା ରଙ୍ଗାମାଟିଆ ଛକ ନିକଟରେ ଏକ ପଲସର ବାଇକ ଧକ୍କାର ଦୁଇଜଣ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଆ ଗ୍ରାମର ଇନ୍ଦୁଶ୍ରୀ ସିଂ (୧୩), ଦିବ୍ୟଜ୍ୟୋତି ଦଳେଇ (୧୧ ) ଟ୍ୟୁସନ ସାରି ଘରକୁ ଯିବା ସମୟ ରେ ରଙ୍ଗାମାଟିଆ ଛକ ନିକଟରେ ରାସ୍ତା ଅତିକ୍ରମ କରିବା ପାଇଁ ଅପେକ୍ଷା କରିଥିବା ସମୟରେ ବାରିପଦା ପଟୁ ପପୁ ସିଂ( ୩୨ ) ପଲସର ବାଇକରେ ଦ୍ରୁତ ଗତିରେ ଆସି ଧକ୍କା ଦେବାରୁ ଦୁଇ ଛାତ୍ରୀ ଛିଟିକି ପଡ଼ି ଗୁରୁତ୍ୱର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ। ପ୍ରାଥମିକ ଚିକିତ୍ସା ପରେ ଦିବ୍ୟଜ୍ୟୋତିଙ୍କ ବାନ୍ତି ବନ୍ଦ ନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

## ନିର୍ଯାତନା ଅଭିଯୋଗରେ ଯୁବକ ଗିରଫ

ରାସଗୋବିନ୍ଦପୁର, ୧୨।୨(ସମିସ):-ରାସଗୋବିନ୍ଦପୁର ପୁଲିସଙ୍କ ଯୌନ ନିର୍ଯାତନା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ପୁରୀ ଜିଲ୍ଲା ଗୋପ ଥାନା ବରିମୁଣ୍ଡା ଗ୍ରାମର ଜଗନ୍ନାଥ ବେହେରାଙ୍କୁ ରାସଗୋବିନ୍ଦପୁର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜଣେ ଆଦିବାସୀ ମହିଳାଙ୍କୁ ଯୌନ ନିର୍ଯାତନା, ଫଟୋ ଭାଇରାଲ ଅଭିଯୋଗ ହୋଇଥିଲା। ପୀଡିତା ମହିଳାଙ୍କ ସହିତ ଫେସବୁକରେ ପରିଚୟ ହୋଇଥିଲା। ତାଙ୍କୁ କୋଣାର୍କକୁ ନେଇ ଏକ ହୋଟେଲରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ ଯୁବକ। ପରେ ନଗ୍ନ ଫଟୋ ଉଠାଇ ତାହା ଭାଇରାଲ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ତଦନ୍ତ କରି ରାସଗୋବିନ୍ଦପୁର ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ନେତୃତ୍ୱରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ପ୍ରେମ ସପ୍ତାହ ପାଇଁ ଫୁଲ ଦୋକାନରେ ଭିଡ଼



ରାଇରଙ୍ଗପୁର, ୧୨।୨ (ସମିସ): ଏବେ ଚାଲିଛି ପ୍ରେମ ଯୁଗଳଙ୍କ ପ୍ରେମ ସପ୍ତାହ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଭାଲେଣ୍ଟାଇନ୍ ସପ୍ତାହରେ ଗୋଲାପ ଫୁଲର ଚାହିଦା ବୃଦ୍ଧି ପାଇଥିବାବେଳେ ଦର ଆକାଶଛୁଆଁ ହୋଇଛି। ରାଇରଙ୍ଗପୁରରେ ଫୁଲ ଦୋକାନ ସାଙ୍ଗକୁ ବିଭିନ୍ନ ପାର୍କ, ରେଷ୍ଟୁରାଣ୍ଟରେ ଯୁବପିଢ଼ିଙ୍କ ଭିଡ ଲାଗି ରହିଛି। ଫଳରେ ଗୋଲାପ ଫୁଲ ଗୋଟାକୁ ପ୍ରାୟ ୫୦ ଟଙ୍କାରୁ ଆରମ୍ଭ କରି ଗୋଲାପ ଫୁଲ ଗୁଚ୍ଛ ୫୦୦/୬୦୦ ଟଙ୍କାରେ ବିକ୍ରି ହେଉଛି। ଶନିବାର ଭାଲେଣ୍ଟାଇନ ଡେ ପାଇଁ ଏହାର ଦର ଆହୁରି ଅଧିକ ରହିବ ବୋଲି ବ୍ୟବସାୟୀ କହିଛନ୍ତି।

## କରଞ୍ଜିଆ କଲେଜର ଦୁଇ ସ୍ୱେଚ୍ଛାସେବୀ ସମ୍ବର୍ଦ୍ଧିତ




କରଞ୍ଜିଆ, ୧୨।୨(ସମିସ): କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଆରଡିସି ଓ ଟିସିଏସ ଫେରନ୍ତା ଦୁଇ ଜାତୀୟ ସମରଶିକ୍ଷାର୍ଥୀ ବାହିନୀ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସମରଶିକ୍ଷାର୍ଥୀ ବାହିନୀର ୧୦ ଦିନିଆ ଶିବିରରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର + ୩ କଳା ଶେଷ ବର୍ଷ ଛାତ୍ରୀ ଦୀପ୍ତି ବାନରା ପିଏମ ରାଲି ଓ ଦ୍ୱିତୀୟ ବର୍ଷ ଛାତ୍ର ପଙ୍କଜ କୁମାର ଯାଦବ ସୁଟିଂ ନିମନ୍ତେ ମନୋନୀତ ହୋଇ ଶିବିରରେ ଯୋଗଦେଇ ମାନପତ୍ର ହାସଲ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ସାହୁଙ୍କ ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟ ପକ୍ଷରୁ ଦୁଇ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଏନସିସି ସିଟିଓ ଅଧ୍ୟାପକ ରୋଶନ ମୁଣ୍ଡାଙ୍କ ତତ୍ତ୍ୱାବଧାନ ଓ ସିନିଅର ଅଣ୍ଡର ଅଫିସର ଛାତ୍ର ପ୍ରସନ୍ନ ମହାନ୍ତଙ୍କ ନେତୃତ୍ୱରେ ସମସ୍ତ ଏନସିସି ବାହିନୀ ଦୁଇ ସ୍ୱେଚ୍ଛାସେବୀଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

## କୁଶଧର ବେହେରା ବେତନଟୀ ବ୍ଲକ କଂଗ୍ରେସ ସଭାପତି



ବେତନଟୀ, ୧୨।୨(ସମିସ): ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମୟୂରଭଞ୍ଜର ପୂର୍ବ ଜିଲ୍ଲା କଂଗ୍ରେସ କମିଟିର ବେତନଟୀ ବ୍ଲକ ସଭାପତି ଭାବେ କୁଶଧର ବେହେରାଙ୍କ ନାମ ଘୋଷଣା କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଶାସନିକ ଅଧିକାରୀ ସମୀର ରାଉତରାୟଙ୍କ ଦ୍ୱାରା ପୂର୍ବ ଜିଲ୍ଲାର ୧୬ ବ୍ଲକ ସଭାପତିଙ୍କ ନାମ ଘୋଷଣା କରାଯାଇଥିବାବେଳେ ବେତନଟୀ ବ୍ଲକର କୁଶଧର ବେହେରାଙ୍କୁ ଦ୍ୱତୀୟ ଥର ପାଇଁ ବେତନଟୀ ବ୍ଲକ ସଭାପତି ଭାବେ ଚୟନ କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାଶ ଏହାକୁ ଅନୁମୋଦନ କରିବା ପରେ ଘୋଷଣା କରାଯାଇଥିବା ଜଣାପଡ଼ିଛି। ଏଥିପାଇଁ ବେତନଟୀ ଅଞ୍ଚଳର ସମସ୍ତ କଂଗ୍ରେସପ୍ରେମୀ, ସଦସ୍ୟ ଓ କର୍ମୀ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ କଂଗ୍ରେସ ସଂଗଠନ କିଭଳି ସୁଦୃଢ ହେବ, ଏନଏସି ଓ ପଞ୍ଚାୟତ ନିର୍ବାଚନକୁ ପରିଚାଳନା କରାଯିବ, ସେ ନେଇ ବେତନବାସୀ ତାଙ୍କୁ ସହଯୋଗ କରିବାପାଇଁ ସଭାପତି କୁଶଧର ବେହେରା ନିବେଦନ କରିବା ସହ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଡିସିସି ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ପିସିସି ସଭାପତି ଭକ୍ତଚରଣ ଦାଶ ଓ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଶାସନିକ ଅଧିକାରୀ ସମୀର କୁମାର ରାଉତରାୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗର ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରିପଦା, ୧୨।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗରେ ଆର ଓ ଡିଇଏ ତଥ୍ୟ ବିଶ୍ଳେଷଣ ବିଷୟକ ଏକ ପ୍ରାୟୋଗିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ପୃଷ୍ଠପୋଷକ ରୂପେ ଯୋଗ ଦେଇଥିବାବେଳେ ପ୍ରଫେସର କମଳଲୋଚନ ବାରିକ ପୃଷ୍ଠପୋଷକ, ପ୍ରଫେସର ଇନ୍ଦ୍ରଜିତ ନାୟକ ସହପୃଷ୍ଠପୋଷକ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରିୟରଞ୍ଜନ ଦାଶ ମୁଖ୍ୟଅତିଥି, ବିଆଇଆଇଟିଏମ, ଭୁବନେଶ୍ୱରର ଡ. ଦେବବ୍ରତ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରୋଗ୍ରାମ ସଂଯୋଜିକା ପ୍ରଫେସର କବିତା କୁମାରୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ବିଷୟ ବିଶେଷଜ୍ଞ ରୂପେ ଆଇଆଇଟି ଖଡ଼ଗପୁରର ଡ. ମଣ୍ଟୁ କୁମାର ମହାଳିକ, ଆଇଆଇଟିର ଡ. ପ୍ରତାପ ଚନ୍ଦ୍ର ମହାନ୍ତି, ଆଇଆଇଟି ଗୋଆର ଡ. ସୁନୀଲ ପାଉଲ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଡ. ମନୋଜ ଦାସ, ଆୟୋଜକ ବିଶ୍ୱବିଦ୍ୟାଳୟର ଡ. ଶର୍ମିଳା ସୁବୁଦ୍ଧି ଓ ସେଞ୍ଚୁରିୟାନ ବିଶ୍ୱବିଦ୍ୟାଳୟର ଡ. ବିକ୍ରମଜିତ ଘୋଷ ପ୍ରମୁଖ ଯୋଗ ଦେଇଥିଲେ। ପାଞ୍ଚ ଦିନ ବ୍ୟାପି ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଦେଶର ବିଭିନ୍ନ ପ୍ରଦେଶରୁ ୩୦ ଜଣ ଶିକ୍ଷାବିଦ୍ ଓ ଶୋଧକର୍ତ୍ତା ଅଂଶଗ୍ରହଣ କରିଥିଲେ। ଉଦଯାପନୀ ସମାରୋହରେ ଡ. ମନୋଜ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପିଏମ-ଉଷା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ଏଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ପ୍ରୋଗ୍ରାମ ସଂଯୋଜିକା ପ୍ରଫେସର କବିତା କୁମାରୀ ସାହୁଙ୍କୁ ଉତ୍ସାହିତ କରିଥିଲେ। ଆୟୋଜନ ସଚିବ ଡ. ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିବାବେଳେ ସଂଯୁକ୍ତ ଆୟୋଜନ ସଚିବ ବିଶ୍ୱଜିତ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ।

## ଏମଏସସିବି ବିଶ୍ୱବିଦ୍ୟାଳୟରେ ତିନିଦିନିଆ କର୍ମଶାଳା ଉଦ୍‌ଘାଟିତ



ବାରିପଦା, ୧୨।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଆନେକ୍ସଚର ଭବନରେ ପିଏମ୍-ଉଷା ପ୍ରାୟୋଜିତ ତିନିଦିନିଆ କାର୍ଯ୍ୟଶାଳା 'ଗ୍ରୀନ୍ କ୍ୟାରିଅର: ବନ୍ୟଜନ୍ତୁ ଓ ଜୈବ ବିବିଧତା ସୁରକ୍ଷାରେ କୌଶଳ ବିକାଶ' ଉଦଘାଟିତ ହୋଇଛି। କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ସେ ବନ୍ୟଜନ୍ତୁ ଓ ଜୈବ ବିବିଧତା ସୁରକ୍ଷା କ୍ଷେତ୍ରରେ ଦକ୍ଷତା ଅର୍ଜନ କରି ନୂତନ ଚାକିରି ସୁଯୋଗ ସୃଷ୍ଟି କରିବାରେ ଛାତ୍ରଛାତ୍ରୀ ଆଗ୍ରହୀ ହେବାକୁ ଆହ୍ୱାନ କରିଥିଲେ। ଶିମିଳିପାଳ ବାଘ ଅଭୟାରଣ୍ୟ (ଦକ୍ଷିଣ ବନଖଣ୍ଡ)ର ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୌଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବନ ବିଭାଗରେ କ୍ଷେତ୍ରସ୍ତରରେ ଉଦ୍ଭବ ହେଉଥିବା ନୂତନ କାର୍ଯ୍ୟ ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ସେ ଶିମିଳିପାଳ ଜାତୀୟ ଉଦ୍ୟାନରେ ଉଦୟମାନ କ୍ଷେତ୍ର ଗବେଷକଙ୍କ ପାଇଁ ଉପଲବ୍ଧ ପ୍ରକଳ୍ପ ଭିତ୍ତିକ ଅବସର ସମ୍ପର୍କରେ ତଥ୍ୟ ଦେଇଥିଲେ। ଓଡ଼ିଶା ମାଇନିଂ କର୍ପୋରେସନର (ବନ ଓ ପରିବେଶ) ଅତିରିକ୍ତ ପ୍ରବନ୍ଧକ ଡା. ଜିତେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖଣି ଅଞ୍ଚଳରେ ପୁନର୍ସ୍ଥାପନ ଇକୋଲଜିର ଗୁରୁତ୍ୱ ବିଷୟରେ ମତ ପ୍ରକାଶ କରିଥିଲେ। ପିଏମ୍-ଉଷା ନୋଡାଲ ଅଫିସର ଡ଼ା. ଇନ୍ଦ୍ରଜିତ ନାଏକ ଆଧୁନିକ ଯୁଗରେ ଗ୍ରୀନ୍ କ୍ୟାରିଅରର ପ୍ରାସଙ୍ଗିକତା ଓ ଦକ୍ଷତା ବିକାଶର ଆବଶ୍ୟକତା ଉପରେ ଆଲୋକ ପାତ କରିଥିଲେ। ବନ୍ୟଜନ୍ତୁ ଓ ଜୈବ ବିବିଧତା ସଂରକ୍ଷଣ ବିଭାଗର ସମନ୍ୱୟକାରୀ ଡ଼ା. ସୁଭାନୀ ରଥ ପୋଷ୍ଟ-ଗ୍ରାଜୁଏସନ ପରେ ଉପଲବ୍ଧ ଚାକିରି ସୁଯୋଗ, ବିଭାଗର ସ୍ଥାପନା ଇତିହାସ ଓ ପୁରାତନ ଛାତ୍ରଛାତ୍ରୀଙ୍କ ନିଯୁକ୍ତି ସମ୍ପର୍କରେ ତଥ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଶେଷରେ ଡା. ଦେବାଶିଷ ନାୟକ ଔପଚାରିକ ଧନ୍ୟବାଦ ଜ୍ଞାପନ କରିଥିଲେ। ଡ଼ା. ଅଶୋକ କୁମାର ମଲ୍ଲିକ ଓ ଡ଼ା. ରବୀନ୍ଦ୍ର କୁମାର ମିଶ୍ର କାର୍ଯ୍ୟକ୍ରମ ସମନ୍ୱୟରେ ସହଯୋଗ କରିଥିଲେ। ଏହି କାର୍ଯ୍ୟଶାଳାରେ ବିଶ୍ୱବିଦ୍ୟାଳୟ ସଂଲଗ୍ନ ମହାବିଦ୍ୟାଳୟଗୁଡ଼ିକର ଜୀବ ବିଜ୍ଞାନ ପୃଷ୍ଠଭୂମିର ୧୦୦ ଜଣ ସ୍ନାତକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଉଦଯାପିତ ହେବାକୁ ଥିବା ଏହି କାର୍ଯ୍ୟଶାଳାରେ କୌଶଳ ମୂଳକ ପ୍ରଶିକ୍ଷଣ, କ୍ଷେତ୍ର ଅନୁଭବ ଓ କାର୍ଯ୍ୟମୁଖୀ ମାର୍ଗଦର୍ଶନ ପ୍ରଦାନ କରାଯାଉଛି।

## ଓମ୍ ଶିଶୁ ଶିକ୍ଷାକେନ୍ଦ୍ରର ସଫଳତା



ଶୁଳିଆପଦା, ୧୨।୨(ସମିସ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ସାନଦେଉଳିରେ ଥିବା ଓମ ଶିଶୁ ଶିକ୍ଷାକେନ୍ଦ୍ରର ତୃତୀୟ ଶ୍ରେଣୀର ଦୁଇଜଣ ଛାତ୍ର ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଆୟୁଷ ଆୟନ ପୃଷ୍ଟି ବ୍ଲକରେ ପ୍ରଥମ ଓ ଜ୍ୟୋତିରଞ୍ଜନ ସି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଉଭୟ ଛାତ୍ରଙ୍କ ଅଭିଭାବକ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟ ପକ୍ଷରୁ ମେଧାବୃତ୍ତି ପାଇଥିବା ୨ଜଣ ଛାତ୍ରଙ୍କ ଉଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

## ବାରିପଦା ପୁଲିସ୍ ହାଇସ୍କୁଲରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ

ବାରିପଦା, ୧୨।୨(ସମିସ): ଆଜିର ଡିଜିଟାଲ୍ ଯୁଗରେ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ କ୍ୟାରିଅର୍ ଲ୍ୟାଣ୍ଡର୍ ଏକାଡେମୀ ପକ୍ଷରୁ ବାରିପଦାସ୍ଥ ପୁଲିସ୍ ହାଇସ୍କୁଲରେ ସୁରକ୍ଷିତ ଇଣ୍ଟରନେଟ୍ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଏଏଲସି ବାବୁଲାଲ ଟୁଡୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ଓ ଆଇନଗତ ଦିଗ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏଥିସହ ପ୍ରଶିକ୍ଷକ ଲାର୍ଣ୍ଣରଫେସିଲିଟାଟର ଅଜୟ ଜେନା ଓ ସଞ୍ଜିତ ପଲେଇ ଉପସ୍ଥିତ ରହି ଇଣ୍ଟରନେଟ୍ ବ୍ୟବହାର ସମୟରେ ଅବଲମ୍ବନ କରାଯାଉଥିବା ସତର୍କତା ବିଷୟରେ ଆଲୋକପାତ କରିଥିଲେ।

## ଚାଇନା ଡିଜିଟାଲ ମିଟର ପାଇଁ ଉପଭୋକ୍ତା ଦଣ୍ଡିତ ଅଭିଯୋଗ

ବେତନଟୀ, ୧୨।୨(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବିଦ୍ୟୁତ ଉପଖଣ୍ଡ ଅଧୀନରେ ବିଦ୍ୟୁତ ବିତରଣ ସଂସ୍ଥା ନେସ୍କୋ ପୂର୍ବରୁ ଓଡ଼ିଶା ଷ୍ଟେଟ ଇଲେକ୍ଟ୍ରିସିଟି ବୋର୍ଡ ( ଓଏସଇବି )ର ଲାଗିଥିବା ମିଟରକୁ ହଟାଇ ଶସ୍ତା ଚାଇନା ଡିଜିଟାଲ ମିଟର ଉପଭୋକ୍ତାଙ୍କ ଘରେ ଲଗାଇଥିଲା। ନେସ୍କୋର ଏହି ଚାଇନା ଡିଜିଟାଲ ମିଟରର ବୈଷୟିକ ନିର୍ମାଣଗତ ତ୍ରୁଟି ଥିବା ଯୋଗୁଁ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା ଓ ଅନେକ ମିଟରରେ ଅତ୍ୟଧିକ ୟୁନିଟ ଅନିୟମିତ ଭାବେ ପ୍ରତି ମାସ ବଢୁଥିବା ଉପଭୋକ୍ତା ଅଭିଯୋଗ କରିଆସୁଥିଲେ। ନେସ୍କୋ କର୍ତ୍ତୃପକ୍ଷ ଓଡ଼ିଶା ସରକାରଙ୍କ ବିଦ୍ୟୁତ ବିଭାଗଠାରୁ ଚୁକ୍ତି ସୂତ୍ରରେ ବିତରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ ଏବଂ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ନେସ୍କୋ ଉପରେ ସମ୍ପୂର୍ଣ୍ଣ ନ୍ୟସ୍ତ କରି ଦେଇଥିବାରୁ ଉପଭୋକ୍ତାଙ୍କ ଅଭିଯୋଗ ସମାଧାନ ଦିଗରେ ଆଦୌ ଗୁରୁତ୍ୱ ପ୍ରଦାନ କରାଯାଉ ନ ଥିଲା। ଫଳରେ ଶିଳ୍ପ ଅନୁଷ୍ଠାନଠାରୁ ଘରୋଇ ଉପଭୋକ୍ତା ନେସ୍କୋ ଦ୍ୱାରା ଶୋଷଣର ଶିକାର ହେବା ସହିତ ଅଭିଯୋଗକାରୀ ଉପରେ ନେସ୍କୋ ପକ୍ଷରୁ ନିଯୁକ୍ତ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଆଖିବୁଜା ଅର୍ଥ ଜରିମାନା କରୁଥିବା ଯୋଗୁଁ ଅନେକ ଉପଭୋକ୍ତା ସେମାନଙ୍କ ତ୍ରୁଟି ସମ୍ପର୍କରେ ଅଭିଯୋଗ କରିବା ପାଇଁ ସାହସ ଯୁଟାଇ ପାରୁ ନ ଥିଲେ। ଏପରି କେତେକ ଗୁରୁତର ତ୍ରୁଟି ଓ ଚାଇନା ଡିଜିଟାଲ ମିଟର ଘରେ ଲଗାଯାଇଥିବା ହେତୁ ଉପଭୋକ୍ତା ମାସିକ ବିଲ ଦେବା ସତ୍ତ୍ୱେ ଏରିଅର ବିଲ୍ ନୋଟିସ ପାଇଆସୁଥିଲେ। ଏହି ଏରିଅର ବିଲ ସମ୍ପର୍କରେ ଉପଭୋକ୍ତା ଷ୍ଟେଟମେଣ୍ଟ ପାଇଁ ଆବେଦନ କରିବା ସତ୍ତ୍ୱେ ନେସ୍କୋ କର୍ତ୍ତୃପକ୍ଷ ଏହା ପ୍ରଦାନ ନ କରି ବକେୟା ବିଲ ପ୍ରଦାନ କରିଆସୁଥିଲେ। ପରେ ୨୦୨୨ରେ ନେସ୍କୋ କର୍ତ୍ତୃପକ୍ଷଙ୍କ ସହିତ ଓଡ଼ିଶା ସରକାରଙ୍କ ଏଗ୍ରିମେଣ୍ଟ ବାତିଲ କରି ପୁଣି ଟାଟା ପାୱାର ସହିତ ଏଗ୍ରିମେଣ୍ଟ ହେବା ପରେ ଉତ୍ତର ଓଡ଼ିଶାର ଯାଜପୁର ଭଦ୍ରକ ବାଲେଶ୍ୱର ମୟୂରଭଞ୍ଜ ଓ କେନ୍ଦୁଝର ଏହି ପାଞ୍ଚଟି ଜିଲ୍ଲାର ବିତରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଟିପିଏନଓଡିଏଲ ହାତରେ ସମର୍ପଣ କରାଯାଇଛି।

ନେସ୍କୋର ତ୍ରୁଟିପୂର୍ଣ୍ଣ ମିଟର ପାଇଁ ଉପଭୋକ୍ତାଙ୍କ ଉପରେ ରହି ଆସିଥିବା ବକେୟା ବିଦ୍ୟୁତ ଦେୟର ଦାବିଦାର ଯଦିଓ ଟାଟା ପାୱାର ନୁହେଁ, ଏହା ଉତ୍ତରାଧିକାରୀ ସୂତ୍ରରେ ପାଇଥିବାରୁ ନେସ୍କୋର ବାକି ଥିବା ଦେୟ ଆଦାୟ ପାଇଁ ଏବେ ଟାଟା ପାୱାର ପକ୍ଷରୁ ନୋଟିସ ଜାରି କରାଯିବା ସହିତ ୧୫ ଦିନ ଅବଧି ମଧ୍ୟରେ ଦେୟ ପୈଠ ନ କଲେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବାକୁ ଧମକ ଦିଆଯାଇଛି। ପୁଣି ଏହି ନିୟମ ବିଦ୍ୟୁତ ନିୟାମକ ଆୟୋଗ ପରିବର୍ତ୍ତନ (ଯୋଗାଣ ସର୍ତ୍ତାବଳୀ) ସଂହିତାର ନିୟମ ୧୦୦ ସହିତ ପଠନୀୟ ବିଦ୍ୟୁତ ଆଇନ ୨୦୦୩ ଧାରା ୫୬ (୧) ଅନୁଯାୟୀ ଜାରି କରାଯାଇଥିବା କୁହାଯାଇଛି। ନୋଟିସ ଜାରି ହେବାର ପନ୍ଦର ଦିନ ମଧ୍ୟରେ ପୈଠ କରା ନ ଗଲେ ବିଦ୍ୟୁତ ସଂଯୋଗ ପରବର୍ତ୍ତୀ ନୋଟିସ ବିନା ବିଚ୍ଛିନ୍ନ କରି ଦିଆଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ୫୦ ବଜ୍ରକାପ୍ତା କାତି ଜବତ, ୩ କୋର୍ଟଚାଲାଣ




ନୀଳଗିରି, ୧୨।୨(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ କୁଲଡିହା ବନ ବିଭାଗ ପକ୍ଷରୁ ପୁଣି ଜଣେ ମହିଳାଙ୍କ ସମେତ ୩ଜଣ ଜଙ୍ଗଲୀ ଜନ୍ତୁ ଦେହାବଶେଷ ତସ୍କରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ୫୦ଟି ବଜ୍ରକାପ୍ତା କାତି ସହିତ ତିନୋଟି ମୋବାଇଲ ଫୋନ ଏବଂ ଦୁଇଟି ବାଇକ୍ ଜବତ କରାଯାଇଥିବା ସୂଚନା ମିଳିଛି।

ବୁଧବାର ଗିରଫ ହୋଇଥିବା ଅଭିଯୁକ୍ତ ମାନଙ୍କ ମଧ୍ୟରେ ଜଣେ ମହିଳା ତସ୍କର ଥିବାରୁ ମହିଳାଙ୍କ ସମ୍ପୃକ୍ତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଜି ସେମାନଙ୍କୁ ନୀଳଗିରି ଏସଡିଜେଏମ କୋର୍ଟରେ ହାଜର କରାଯାଇଥିବା ବେଳେ ଓ. ଆର ୧୭କେ ୨୦୨୫/୨୬କେସରେ ଆଜିସୁଦ୍ଧା ମୋଟ ୧୭ଜଣଙ୍କୁ ଗିରଫ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

**ଜଳେଶ୍ୱର ରେଳଷ୍ଟେସନ**

# ନାଁକୁ ଉନ୍ନତୀକରଣ; ଯାତ୍ରୀ ହନ୍ତସନ୍ତ

ଜଳେଶ୍ୱର, ୧୨।୨ (ସମିସ)

ଜଳେଶ୍ୱର ରେଳ ଷ୍ଟେସନର ଉନ୍ନତି କରଣ ନାମରେ ଦୀର୍ଘଦିନ ଧରି ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ଷ୍ଟେସନ ଉପରେ ନିର୍ଭର କରୁଥିବା ହଜାର ହଜାର ଯାତ୍ରୀ ପ୍ରତିଦିନ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ ମଧ୍ୟ ରେଳ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିବାର ଦେଖିବାକୁ ମିଳୁଛି। ଜଳେଶ୍ୱର ରେଳ ଷ୍ଟେସନ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କା ଆୟ କରୁଥିବା ବେଳେ ଯାତ୍ରୀଙ୍କ ସୁବିଧା ସୁଯୋଗ ପ୍ରତି ଦୃଷ୍ଟି ନଦେବା ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏକ ନମ୍ବର ପ୍ଲାଟଫର୍ମରେ ପ୍ରାୟ ସବୁଦିନ ମାଲ ବୋଝେଇ ଟ୍ରେନ ଛିଡା ହୋଇ ଥିବାରୁ ତାହା ଯାତ୍ରୀଙ୍କ ବ୍ୟବହାରରେ ଲାଗୁ ନଥିବା ବେଳେ ପୂର୍ବପଟ ଫୁଟ ଓଭର ବ୍ରିଜ କାର୍ଯ୍ୟ ହୋଇ ନ ପାରିବା ଯାତ୍ରୀଙ୍କ ପାଇଁ କାଳ ସାଜିଛି। ଯାହା ବୃଦ୍ଧବୃଦ୍ଧା, ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଟ୍ରେନ ଧରିବା ଓ ଷ୍ଟେସନ ବାହାରକୁ ଆସିବା ପାଇଁ ଦୀର୍ଘରାସ୍ତା ଅତିକ୍ରମ କରିବାକୁ ପଡୁଛି। ଜଳେଶ୍ୱର ଟ୍ରେନ ଯାତ୍ରୀଙ୍କ ପାଇଁ ୨ନଂ, ୩ନଂ ଓ ୪ନଂ ପ୍ଲାଟଫର୍ମରେ ଥିବା ପାଦଚଲା ରାସ୍ତା ଆଜିଯାଏ ଠିକ୍ ହୋଇ ପାରିଲା ନାହିଁ ଯାହା ଫଳରେ ଟ୍ରେନ ଚଢିବା ଓ ଓହ୍ଲାଇବାରେ ବହୁ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବହୁ ଦିନରୁ ଏହି ପ୍ଲାଟ ଫର୍ମ



ଗୁଡିକରେ ଥିବା ପାଦ ଚଲା ରାସ୍ତା ନିର୍ମାଣ ହେବା ଓ ଭଙ୍ଗା କାର୍ଯ୍ୟ ଚାଲିଛି। ଏହା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କାର ସରକାରୀ ଅର୍ଥର ଅପଚୟ ହେଉଥିବା ବେଳେ ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର ହେଉନାହିଁ। ଷ୍ଟେସନର ବିଭିନ୍ନ କାର୍ଯ୍ୟ ପ୍ରତିଦିନ ନୂତନ ଭାବେ ନିର୍ମାଣ ଓ ପୁଣି କିଛିଦିନ ପରେ ଭଙ୍ଗା ହେଉଥିବାର ଦେଖିବାକୁ ମିଳୁଛି। ମାତ୍ର କୌଣସୀ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ପାରୁନାହିଁ। ଦୀର୍ଘଦିନ ଧରି ପୂର୍ବପଟ ଫୁଟ ଓଭର ବ୍ରିଜ କାର୍ଯ୍ୟ ଚାଲିଛି। ଷ୍ଟେସନରେ ଚାଲିଥିବା ଲିଫ୍ଟ ଗୁଡିକ ବହୁ ସମୟରେ ଖରାପ ଅବସ୍ଥରେ ରହୁଛି। ଟ୍ରେନର ବଗି ଇଣ୍ଡିକେଟର ବୋର୍ଡ ଓ ଟ୍ରେନ ସମୟ ଇଣ୍ଡିକେଟର ଡିସପ୍ଲେ ବୋର୍ଡ ଦୀର୍ଘ ଦିନରୁ ଲାଗିଥିଲେ ମଧ୍ୟ ଆଜିଯାଏ କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ଷ୍ଟେସନର ସମ୍ମୁଖ ଭାଗ ଓ ତୋରଣ ବାରମ୍ବାର ନିର୍ମାଣ ଦ୍ୱାରା ଲକ୍ଷ ଲକ୍ଷ ଟଙ୍କାର ଅପଚୟ ହେଉଛି ମାତ୍ର ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦିଆ ନ ଯିବା ଜଳେଶ୍ୱର ବାସୀଙ୍କ ପାଇଁ ରେଳ କର୍ତ୍ତୃପକ୍ଷଙ୍କ ବୈମାତୃକ ଭାବ ବୋଲି ଜନସାଧାରଣ ଅଭିଯୋଗ କରିବା ସହିତ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରାଯାଇଛି।

## ନୀଳଗିରି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ନୀଳଗିରି, ୧୨।୨(ସମିସ): ନୀଳଗିରି ମହାବିଦ୍ୟାଳୟ, ନୀଳଗିରି ପରିସରରେ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ରାଉଳଙ୍କ ସଭାପତିତ୍ୱରେ ଯୁବ ରେଡ଼କ୍ରସ ଶାଖା ତରଫରୁ ସ୍ୱତନ୍ତ୍ର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ଶାଖା କାଉନସିଲର୍ ତଥା ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପିକା ସଙ୍ଗୀତା ପାତ୍ର ଏବଂ ସହଯୋଗୀ ରସାୟନ ବିଜ୍ଞାନ ବିଭାଗର ସଦସ୍ୟ ସୁକାନ୍ତ ମିଶ୍ର ଏହି ରକ୍ତଦାନ ଶିବିର ଆୟୋଜନ କରିଥିଲେ। ସମୁଦାୟ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଯୁକ୍ତ ୩ ଶ୍ରେଣୀର ପ୍ରାୟ ପଚିଶ ଜଣ ଛାତ୍ରଛାତ୍ରୀ ଓ ଅଧ୍ୟାପିକା ଅଧ୍ୟାପକ ଗଣ ସ୍ୱେଚ୍ଛାକୃତ ଭାବରେ ଏଥିରେ ଯୋଗଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା ବାସନ୍ତୀ ଦାସ, ସୀମାରାଣୀ ସେଠୀ, ରୋଜାଲିନ୍ ମହାନ୍ତି, ଶୁଭଶ୍ରୀ ଜେନା, ଶୁଭସ୍ମିତା ମହାନ୍ତି ଓ ଲକ୍ଷ୍ମୀପ୍ରିୟା ସିଂ ପ୍ରମୁଖ ଯୋଗଦାନ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପକ ଡ. ଶଙ୍କର୍ଷଣ ନାୟକ ଡାକ୍ତରୀ ଟିମ୍ ଠାରୁ ଟ୍ରଫି ଗ୍ରହଣ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବସ୍ତା ବ୍ଲକ, ୧୨।୨ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ପରିସରରେ ଗୁରୁବାର ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ବସ୍ତା ବିଡ଼ିଓ ମିହିର ରଞ୍ଜନ ବେହେରା, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ, ବିଏସଏସଓ ନିବେଦିତା ଶିଓଳ, ଜିପିଓ ବିଷ୍ଣୁ ଚରଣ ଦାସ ଯୋଗ ଦେଇଥିଲେ। ଭାରତ ବନ୍ଦ ଯୋଗୁଁ ଲୋକେ ବହୁ ଅସୁବିଧାରେ ନିଜର ଯାଞ୍ଚ ପାଇଁ ଆସି ପହଞ୍ଚିଥିଲେ। ଏହି ଶିବିରରେ ମୋଟ ୩୧୨ ପଞ୍ଜୀକୃତ ହୋଇଥିଲେ। ଏହି କ୍ରମ ରେ ଅସ୍ଥିଶଲ୍ୟ ବିଭାଗ ରେ ୨୨୦ ଜଣ, ମାନସିକ ଅନଗ୍ରସରରେ ୪୮ ଜଣ ଓ ଚକ୍ଷୁ ବିଭାଗରେ ୪୪ ଜଣଙ୍କୁ ଯାଞ୍ଚ କରା ଯାଇଥିଲା। ସେହିପରି ନଟାକଟା ପଞ୍ଚାୟତ ଚାଷୀପଡ଼ା ଗ୍ରାମ ଓ ନବରା ପଞ୍ଚାୟତ ନାବରା ଗ୍ରାମର ଦୁଇ ଭିନ୍ନକ୍ଷମ ଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ବସ୍ତା ବିଧାୟିକା ସୁବାସିନୀ ଜେନା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଭିନ୍ନକ୍ଷମ ଶିବିର ବୁଲି ଦେଖିବା ସହିତ ଲୋକଙ୍କ କଥା ପଚାରି ବୁଝି ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ସ୍ମୃତିସଭା

କାଳିପଦା, ୧୨।୨ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମର ଅବସର ପ୍ରାପ୍ତ ଶିକ୍ଷକ, ଧର୍ମ ପରାୟଣ ବ୍ୟକ୍ତି ଶଙ୍କର ଚରଣ ସାହୁଙ୍କ ଏକାଦଶାହ ଅବସରରେ ସ୍ମୃତି ସଭା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସ୍ମୃତି ସଭାକୁ ନିଶିଥ କୁମାର ଦେ ପରିଚାଳନା କରିଥିବାବେଳେ ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ଜେନା, ସଚୀନ୍ଦ୍ର ନାଥ ଦେ, ବାସୁଦେବ ଜେନା, ବିଦ୍ୟାଧର ପାତ୍ର, ଭୁବନ ମୋହନ ପାତ୍ର, ସରପଞ୍ଚ ଦେବ କୁମାର ଦେ, ସମିତି ସଦସ୍ୟାଙ୍କ ପ୍ରତିନିଧି ଭଜନ ବେହେରା, ବାଲିଆପାଳ ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ବିଜନ କୁମାର ନାୟକ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର, ବିଭୂତି ଭୂଷଣ ଦେ, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ବଡ ଜ୍ୱାଇଁ ପ୍ରଫେସର ସୁର୍ଜେନ୍ଦୁ ଦେ, ସାନ ଭାଇ ପ୍ରଭାତ କୁମାର ସାହୁ, ଅଶୋକ କୁମାର ସାହୁ, ଦିଲ୍ଲୀପ ଜେନା, ସଦାଶିବ ବେହେରା, ନବ କୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରୂପସା ମହୋତ୍ସବ ଉଦ୍‌ଯାପିତ

ବସ୍ତା ବ୍ଲକ, ୧୨।୨ (ସମିସ): ମହୋତ୍ସବ ହେଉଛି ସହଯୋଗ, ଭାଇଚାରା ଓ ଏକତାକୁ ବାନ୍ଧି ରଖିବାର ଏକ ମାଧ୍ୟମ ବୋଲି ବାଲେଶ୍ୱର ଜିଲ୍ଲା ରୂପସା ପୋଡ଼ାଡିହା ଠାରେ ଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ୧୫ ତମ ରୂପସା ମହୋତ୍ସବ ୨୦୨୬ ର ଉଦଯାପନୀ ଉତ୍ସବରେ ଯୋଗ ଦେଇ ଥିବା ଅତିଥିଙ୍କ ଦ୍ୱରା ମତ ପ୍ରକାଶ ପାଇଛି। ବୁଧବାର ମହୋତ୍ସବର ଉଦଯାପନୀ ଉତ୍ସବ ପରିପ୍ରେକ୍ଷୀରେ କମିଟିର ମୁଖ୍ୟ ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନ ରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ରବୀନ୍ଦ୍ର କୁମାର ଜୈନ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସରପଞ୍ଚ ସୁବେଶ ନାୟକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଦୀପକ




କୁମାର ପରିଡ଼ା, ଅନ୍ତର୍ଯ୍ୟାମୀ ବେହେରା, ସମାଜସେବି ତପନ କୁମାର ଗିରି, ଶ୍ରୀଧର ବେହେରା, ଚତୁର୍ଭୁଜ ବେହେରା ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭ ରେ ମଞ୍ଚସିନ ଅତିଥି ପ୍ରଦୀପ ଜାଳି ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ସାମ୍ବାଦିକ ବାଞ୍ଛାନିଧି ଦେ ଅତିଥି ପରିଚୟ ପ୍ରଦାନ କରିବା ପରେ ବୀଣାପାଣି ଶିଶୁ ମନ୍ଦିରର ନୃତ୍ୟ ଶିଳ୍ପୀ ମାନେ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ରୂପସା ମହୋତ୍ସବ ର ସମ୍ପାଦକ ଚନ୍ଦନ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀଜଗନ୍ନାଥଙ୍କ ବତିଶ ବେଶ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବାବେଳେ ନାନା ପ୍ରକାର ଦୋକାନ ବଜାର ଦୋଳି ଓ ବିଭିନ୍ନ ଖାଦ୍ୟ ର ପସରା ଲୋକଙ୍କୁ ଆନନ୍ଦର ଖୋରାକ ଯୋଗାଇଥିଲା।

# ଏମ୍‌ଜି ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ




ସିମୁଳିଆ, ୧୨।୨ (ସମିସ): ସିମୁଳିଆ ବ୍ଲକ ଅନ୍ତର୍ଗତ ଜାମୁଝାଡ଼ିସ୍ଥିତ ଏମଜି ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ପବିତ୍ର କୁମାର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସିମୁଳିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ସିମୁଳିଆ ବ୍ଲକ ସହକାରୀ ଶିକ୍ଷାଧିକାରୀ ଅଜୟ କୁମାର ପଣ୍ଡା, ପଦ୍ମଲୋଚନ ଦାଶ, ପୂର୍ବତନ ସିଆରସିସି ଶିବ ପ୍ରସାଦ ପଣ୍ଡା, ପୂର୍ବତନ ସରପଞ୍ଚ ରାଧାରମଣ ପଟ୍ଟନାୟକ, ବାସୁଦେବ ପୂରର ପାପୁନି ମଲ୍ଲିକ, ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ସମାଜସେବୀ ସୁଶାନ୍ତ କୁମାର ନାୟକ, ସ୍କୁଲର ଚେୟାରମ୍ୟାନ ପରମେଶ୍ୱର ନାୟକ, ଜାମୁଝଡି ସରପଞ୍ଚ ସନ୍ତୋଷ କୁମାର ସେଠୀ ଯୋଗଦେଇ ଥିଲେ। ଗାୟିକା ଦିପ୍ତୀରେଖା ପାଢ଼ୀ ସଙ୍ଗୀତ ପରିବେଷଣ କରିଥିଲେ।

# ମିରିଗିଣୀ ଖଣ୍ଡିଆ ହୁଡ଼ିରେ ନିଆଁ



ନୀଳଗିରି, ୧୨।୨(ସମିସ): ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଜଳିଲା କୁଲଡିହା ଅଭୟାରଣ୍ୟ। କୁଲଡିହା ଅଭୟାରଣ୍ୟର ବେତଶୁଳ ବିଟ ହାଉସ ଅନ୍ତର୍ଗତ ମିରିଗିଣି ଖଣ୍ଡିଆ ହୁଡ଼ିରେ ଗତକାଲି ପ୍ରାୟ ଦିନ ୧୧.୪୫ମିନିଟ ସମୟରେ ନିଆଁ ଲାଗିଥିଲା। ନିଆଁ ଲାଗି ବିଭିନ୍ନ ସ୍ଥାନରେ ଜଳିଚାଲିଥିବା ବେଳେ ଘଟଣାସ୍ଥଳରେ ବନ କର୍ମଚାରୀ ପହଁଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ନିଆଁ ଲଗାଇଥିବା ଅନୁମାନ କରାଯାଉଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଛି, ବନବିଭାଗ ବେଳୁ ହେଁ ସାବଧାନ ରହିବା ଆବଶ୍ୟକ ବୋଲି ପରିବେଶବିତ ମତବ୍ୟକ୍ତ କରିଛନ୍ତି।

## ଆରଜିପିଏସ ନୂତନ ଜିଲ୍ଲା ସଂଯୋଜକ ଆଶିଷ ପଟ୍ଟନାୟକ



ନୀଳଗିରି, ୧୨।୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ବରହମପୁର ଅଞ୍ଚଳର ଆଶିଷ ପଟ୍ଟନାୟକ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନର ଜିଲ୍ଲା ସଂଯୋଜକ ଭାବେ ତାଙ୍କୁ ନୂଆ ଦାୟିତ୍ୱ ମିଳିଛି। ସେହିପରି ସହ ସଂଯୋଜକ ଝୁନା ମୁଖୀ ମଧ୍ୟ ଅନୁରୂପ ଭାବେ ରାଜ୍ୟ ଓ ଜିଲ୍ଲା ନେତୃମଣ୍ଡଳିଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବରହମପୁର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

ନୀଳଗିରି, ୧୨।୨(ସମିସ): ନୀଳଗିରି ବ୍ଲକ ବରହମପୁର ସ୍ନାତକ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଅଜିତ କୁମାର ସ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିବାବେଳେ ଉକ୍ତ ତାଲିମ ଶିବିରରେ ପ୍ରଶିକ୍ଷକ ଏକତା ମହାନ୍ତି ଯୋଗଦେଇ ୬୪ ଜଣ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପାଇଁ ତାଲିମ ଦେଇଥିଲେ। ଅଧ୍ୟାପିକା ତଥା ସଂଯୋଜିକା ନମିତା ରାଣୀ ଆଚାର୍ଯ୍ୟ ଶିବିର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବୀନ୍ଦ୍ର ପଣ୍ଡା, ଶୁଭକାନ୍ତ ବେହେରା, ସୁବାଷ ଚନ୍ଦ୍ର ପାତ୍ର, ରତିନ୍ଦ୍ର କୁମାର ନାୟକ, ଶିବନାରାୟଣ ସାହୁ, ସତ୍ୟପ୍ରକାଶ ପରିଡ଼ା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ଶିବିର ପରିଚାଳନାରେ ସହଯୋଗ କରିଥିଲେ।



# ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ରୂପସା, ୧୨।୨ (ସମିସ): ସମାଜର ସେବା ପାଇଁ ଛାତ୍ରଛାତ୍ରୀ ସମର୍ପିତ ହୁଅନ୍ତୁ। ବିଦ୍ୟା ସହିତ ଶିକ୍ଷାର୍ଜନ କରିବା ଆବଶ୍ୟକ। ଯାହା ନାହିଁ ଭାରତେ, ତାହା ନାହିଁ ଜଗତେ ବୋଲି ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନୀଳମଣି ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଘାଟନୀ ଉତ୍ସବରେ ବୁଧବାର ଯୋଗ ଦେଇ ମୁଖ୍ୟଅତିଥି ପଦ୍ମଶ୍ରୀ ହଳଧର ନାଗ ବକ୍ତବ୍ୟରେ କହିଛନ୍ତି। ଏହି ସମାରୋହରେ ଅଧ୍ୟକ୍ଷତା ଡ. ତପନ କୁମାର ବେହେରା ଅଧ୍ୟକ୍ଷତା କରି ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ବରିଷ୍ଠ ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର ପ୍ରାରମ୍ଭିକ ସୂଚନା, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ବ୍ୟଙ୍ଗ କବି ଜ୍ଞାନ ହୋତା କବିତା ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ମାଆ ବାପାଙ୍କୁ ଭକ୍ତି, ସମ୍ମାନ କରିବା ସହ ଭଲ ମଣିଷ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଅବସରପ୍ରାପ୍ତ କୁଳସଚିବ ରମେଶ ଚନ୍ଦ୍ର ମିଶ୍ର, ପ୍ରତିଷ୍ଠାତା ସଦସ୍ୟ ମଧୁସୂଦନ ପଣ୍ଡା, ପୁରାତନ ଛାତ୍ର ସଂସଦ ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ସମ୍ପାଦକ ବାଞ୍ଛାନିଧି ଦେ, ଉପ ସଭାପତି କୌଶିକ ଚାନ୍ଦ, ଉପଦେଷ୍ଟା ଶୁଭେଶ ନାୟକ, ଶ୍ରୀଧର ବେହେରା, ଅନ୍ତର୍ଯ୍ୟାମୀ ବେହେରା, ମହମ୍ମଦ ଇସଲାମ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ମଞ୍ଚାସିନ ହୋଇ ବିକଶିତ ରାଷ୍ଟ୍ର ଗଠନ ପାଇଁ ଛାତ୍ରୀ ଛାତ୍ର ଓ ଯୁବ ସମାଜକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ସୁବର୍ଣ୍ଣ ସ୍ମୃତି' ଉନ୍ମୋଚନ ହୋଇଥିଲା। ଅଧ୍ୟାପକ ବିଜୟ କୁମାର ବେହେରା ଓ ପୁରାତନ ଛାତ୍ରୀ କରିସ୍ମା ନାୟକ ମଞ୍ଚ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର, ପୁରସ୍କାର ବିତରଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ପୂର୍ବତନ ଅଧ୍ୟକ୍ଷ, ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶେଷରେ ନାଚ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହାସ୍ୟ ଅଭିନେତା ପପୁ ପମପମଙ୍କ ସଙ୍ଗୀତ ଓ ଡାଏଲଗକୁ ସମସ୍ତେ ମନଭରି ଉପଭୋଗ କରିଥିଲେ।




# ରାସ୍ତାରେ ଧାନବସ୍ତା ରଖି ଚାଷୀଙ୍କ ଆନ୍ଦୋଳନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୨।୨(ସମିସ)

ଭାରତ ବନ୍ଦକୁ ସମର୍ଥନ ଜଣାଇ କୃଷକ ସଭା ଅଲାଲପୁର ସେବା ସମବାୟ ସମିତି ଶାଖା ତରଫରୁ ସୁଗୋ ଠାରେ ଶହ ଶହ ଚାଷୀ ରାସ୍ତାକୁ ଓହ୍ଲାଇ ଥିଲେ। କୃଷକମାନେ ଟୋକନ ପାଇଥିବା ସତ୍ତ୍ୱେ ସେମାନଙ୍କ ଠାରୁ ଧାନ କ୍ରୟ ନକରିବା ଏବଂ ପଞ୍ଜୀକୃତ ଚାଷୀଙ୍କୁ ଟୋକନ୍ ନ ଦେଇ ପ୍ରତାରିତ କରିବା ବିରୋଧରେ କୃଷକମାନେ ରାସ୍ତାରେ ଧାନ ବସ୍ତା ଥୋଇ ଆନ୍ଦୋଳନ କରିଥିଲେ। ସ୍ଥାନୀୟ ଲୋକମାନେ ଏହି ଆନ୍ଦୋଳନକୁ ଅକୁଣ୍ଠ ସମର୍ଥନ ଜଣାଇଥିବା ଦେଖିବାକୁ ମିଳିଥିଲା। ଏହି ବିକ୍ଷୋଭ ଫଳରେ ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଖବର ପାଇ ଆନ୍ଦୋଳନ ସ୍ଥଳରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏମ୍‌ଡିପିଓ ସୁବ୍ରତ ବେହେରା, ଏସିଏସ ଓ ବୁଦ୍ଧଦେବ ଜେନା ଓ ପୁରଞ୍ଜନ ସାହୁ, ଯୋଗାଣ ଅଧିକାରୀ ପହଞ୍ଚି କୃଷକମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନାର ନିର୍ଯାସ ସ୍ୱରୂପ ବିକ୍ଷୋଭ ସ୍ଥାନରେ ଜମା କରିଥିବା ଚାଷୀଙ୍କର ସମସ୍ତ ଧାନକୁ ତତକ୍ଷଣାତ୍ କ୍ରୟ କରିବା ସହିତ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ଅନ୍ୟ ସମସ୍ତ ଧାନ କ୍ରୟ କରାଯିବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଘଟିକା ସମୟରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିଲା। ଏହି କୃଷକ ଆନ୍ଦୋଳନର ଉପସ୍ଥିତ ଥିଲେ ପଲ୍ଟୁ ଦାସ, ସୁଜିତ ଦେ, ପବିତ୍ର ପାତ୍ର, ସତ୍ୟଜିତ ପ୍ରଧାନ, ଗୌତମ ପାତ୍ର, ଅଶୋକ ଦତ୍ତ, କୃଷକ ସଭାର ଜିଲ୍ଲା ନେତା ଦିଲ୍ଲୀପ କୁମାର ଗିରି, ସୀତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ରବୀନ୍ଦ୍ର ବାରିକ ଶ୍ୟାମସୁନ୍ଦର ଭୂୟାଁ, ଅକ୍ଷୟ ନାୟକ, ଗୌତମ ଦାସ, ରାଜେନ୍ଦ୍ର ଦାସ, ରବି ସାମଲ, ତନୁଜ ମହାନ୍ତି, ବେଣୁଧର ଦେ, ମଦନ ମାହାଲିକ, ଝରଣା ଘଡେଇ, ସରପଞ୍ଚ ଜୟନ୍ତୀ ପରିଡ଼ା, ମମତା ରାଜ, ସବିତା ଭୂୟାଁ ପ୍ରମୁଖ।



**THE BISRA STONE LIME COMPANY LIMITED**
CIN: L14100OR1910GO1033904
Regd. Office :Plot No:255, Pristine Green, Pokhariput, Bhubaneswar-751020

**STATEMENT OF FINANCIAL RESULTS FOR THE NINE MONTH ENDED 31ST DECEMBER'2025**

(Rs.in Lakhs)

| Sl. No. | Particulars | Nine Month Ended | | Year Ended |
|---|---|---|---|---|
| | | 31.12.2025 | 31.12.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 6,740.37 | 4,792.72 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 1,063.96 | 691.11 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 1,063.96 | 691.11 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 697.62 | 453.75 | 438.51 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 697.62 | 453.75 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,482.66) | (21,219.49) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.80 | 0.52 | 0.50 |
| | (ii) Diluted | 0.80 | 0.52 | 0.50 |

1. The above results of the Company were approved by the Board of Directors at their respective meetings held on 12-02-2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Visakhapatnam
Date: 12th February' 2026

ସକାଳ THE SAKALA



www.sakalaepaper.com

# ଭଁଅରା ବାବା ଜଳେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ



କରଞ୍ଜିଆ,୧୨।୨(ସମିସ): କରଞ୍ଜିଆ ବ୍ଲକର ଭଁଅରା ଅଞ୍ଚଳସ୍ଥ ପ୍ରସିଦ୍ଧ ବାବା ଜଳେଶ୍ୱର ମନ୍ଦିର ପରିସରରେ ଆସନ୍ତାକାଲିଠୁ୧୪ ତାରିଖ ପର୍ଯ୍ୟନ୍ତ ଭବ୍ୟ ଭାବେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଶିବ ମହାଯଜ୍ଞ ଆୟୋଜିତ ହେବାକୁ ଯାଉଛି। ଏହି ପବିତ୍ର ଅବସରରେ ପ୍ରତିଦିନ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ, ଯଜ୍ଞ, ହୋମ, ପୂଜା-ଅର୍ଚ୍ଚନା, କଳସ ଯାତ୍ରା, ଅଖଣ୍ଡ ହରିନାମ ସଂକୀର୍ତ୍ତନ ଓ ଶିବଲିଙ୍ଗ ଅଭିଷେକ ସହିତ ଭକ୍ତିମୟ ଆନୁଷ୍ଠାନ ଆୟୋଜିତ ହେବ। ୧୧ ତାରିଖରେ କଳସ ଯାତ୍ରା, ମଙ୍ଗଳାଚରଣ ଓ ଅଧିବାସ କାର୍ଯ୍ୟ ସହିତ ଉତ୍ସବର ଶୁଭାରମ୍ଭ ହେବ। ୧୨ ଓ ୧୩ ତାରିଖ ଦିନ ଯଜ୍ଞ, ହୋମ, ଶିବ ପୂଜା, ଅଖଣ୍ଡ ହରିନାମ ସହ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଚାଲିବ। ୧୪ ତାରିଖ ଦିନ ପୂର୍ଣ୍ଣାହୁତି, ମହାପ୍ରସାଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଉତ୍ସବର ସମାପନ ହେବ। ୧୫ ତାରିଖ ଦିନ ମହାଶିବରାତ୍ରି ଶ୍ରଦ୍ଧାଳୁ ପାଳନ କରିବେ। ଏହି ଅବସରରେ ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଭାବେ ଭଜନ ସନ୍ଧ୍ୟା, ଭକ୍ତିଗୀତ ଯାହା ପ୍ରଦର୍ଶନ କରିବାକୁ ଆସିବେ "ମା ଭବାନୀ ଦେବୀ ଦୃଷ୍ଟିହୀନ ଭୋଜନ ସନ୍ଧ୍ୟା ଓ ଆଶୁତୋଷ ଭୋଜନ ସନ୍ଧ୍ୟା, କଟକ, ମୟୂରଭଞ୍ଜର ଖ୍ୟାତନାମା ପାଲଗାୟକ ସତୀଶ କୁମାର ବାରିକ ପାଲା ପରିବେଷଣ କରିବେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଗ୍ରାମବାସୀ, ଯୁବକ ସଂଘ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଜୋର ସୋର ପ୍ରସ୍ତୁତି ଚାଲିଛି।

# ଅଗ୍ନି ନିବାରଣ ତାଲିମ ଓ ନମୁନା ପ୍ରଦର୍ଶନ

ମହୁଲଡିହା,୧୨।୨(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଦିନିକିଆ ଅଗ୍ନି ନିବାରଣ ତାଲିମ ଓ ନମୁନା ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ କାର୍ଯ୍ୟକ୍ରମରେ ଅଗ୍ନିଶମ ବାହିନୀ କର୍ମଚାରୀ ଯୋଗଦେଇ ବନ କର୍ମଚାରୀ ଓ ବନ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରିଥିଲେ।



ଶ୍ରେଣୀଗୃହ ତାଲିମ କାର୍ଯ୍ୟକ୍ରମ ପରେ ତାଳପଦା ଜଙ୍ଗଲରେ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ ନମୁନା ପ୍ରଦର୍ଶନ କରିଥିଲେ ଅଗ୍ନିଶମ କର୍ମଚାରୀ। ଏଥିରେ ବନ କର୍ମଚାରୀ ସମେତ ବନ ସୁରକ୍ଷା ସମିତି ସଦସ୍ୟ, ଏସଏଚଜି ସଦସ୍ୟା ଅଂଶଗ୍ରହଣ କରି ନିଆଁ ଲିଭାଇବା କୌଶଳ ସମ୍ପର୍କରେ ଅବଗତ ହୋଇଥିଲେ।ଦୈବୀ ଦୁର୍ବିପାକକୁ ମୁକାବିଲା କରିବା ଏବଂ ସର୍ବଦା ଲୋକଙ୍କ ଜୀବନ ରକ୍ଷା ଦିଗରେ ନିସ୍?ାର୍ଥପର ସେବା ଯୋଗାଇ ଆସୁଥିବା ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଯୋଗଦାନ କାରଣରୁ ୬ ଜଣ କର୍ମଚାରୀଙ୍କୁ ବନ ବିଭାଗ ପକ୍ଷରୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବନ ବିଭାଗ ଦ୍ୱାରା ସମ୍ବର୍ଦ୍ଧନା ପରେ ହାବିଲଦାର ସୂର୍ଯ୍ୟାନନ୍ଦ ଟୁଡୁ କହିଲେ ଯେ ଜରୁରୀ ସେବା ଯୋଗାଇବା ଆମର କର୍ତ୍ତବ୍ୟ।କିନ୍ତୁ ଆମର କର୍ତ୍ତବ୍ୟ ସମ୍ପାଦନ କାଳରେ କେହି ସମ୍ମାନିତ କରିନଥିବାବେଳେ ବନ ବିଭାଗର ସମ୍ମାନ ଆମକୁ ଅଧିକ ଉତ୍ସାହିତ କରିବା ସହ ପ୍ରେରଣା ଯୋଗାଇବ ବୋଲି କହିଥିଲେ।

# ଶ୍ରୀ ଗଣେଶ ଗ୍ରୁପର ବୈଠକ

ଆନନ୍ଦପୁର,୧୨।୨(ସମିସ): ଘସିପୁରାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଗଣେଶ ଗ୍ରୁପର ବାର୍ଷିକ ବୈଠକ ହଦଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ରଙ୍କନାଥ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗ୍ରୁପ ସଂଗଠନର ଉପଦେଷ୍ଟା ରମେଶ ସାହୁ, ସମ୍ପାଦକ ମହେଶ୍ୱର ସାହୁ, ଶିବାନନ୍ଦ ମହାରଣା ପ୍ରମୁଖ ଚଳିତ ବର୍ଷ ହେବାକୁ ଥିବା ବୃକ୍ଷ ରୋପଣ, ରକ୍ତଦାନ ଶିବିର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସଦସ୍ୟ ସୌମ୍ୟରଞ୍ଜନ ସାହୁ, ତପନ ସାହୁ, ସଦାଶିବ ସାହୁ, ଜିତେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ଜୟନ୍ତ କୁମାର ସାହୁ, ନରୁ ଦାଶ, ବାମଦେବ ବିଶ୍ୱାଳ, ଶ୍ରୀକାନ୍ତ ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# କୋଲକାତାରେ ଯୁବ ବାସ୍ତୁବିତଙ୍କୁ ସମ୍ବର୍ଦ୍ଧନା

ଆନନ୍ଦପୁର,୧୨।୨(ସମିସ): ବାସ୍ତୁ ଶାସ୍ତ୍ରରେ ପାରଦର୍ଶିତା ଲାଭ କରି ସମାଜ କଲ୍ୟାଣ କାର୍ଯ୍ୟରେ ସମର୍ପିତ ହୋଇଥିବା ଯୁବ ବାସ୍ତୁବିତ୍ ନିରଞ୍ଜନ ପାଣିଙ୍କୁ ଆଇଆଇସିଏଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କୋଲକାତା ଶରତ ସଦନଠାରେ ଆୟୋଜିତ ଅନ୍ତର୍ଜାତୀୟ ସାରସ୍ୱତ ସମାବେଶରେ ଶ୍ରୀ ପାଣିଙ୍କୁ ମାନପତ୍ର, ଉତ୍ତରୀୟ ସହିତ ଅନରାରୀ ଡକ୍ଟରେଟ ଉପାଧିରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସାଂସ୍କୃତିକ ସଂଯୋଜକ ଡ ଉପେନ୍ଦ୍ର କୁମାର ଶର୍ମାଙ୍କ ସଂଯୋଜନାରେ ମିସେସ ଇଣ୍ଡିଆ ପ୍ରତୀଚୀ ପୁଣ୍ଡେ, ପ୍ରତିଷ୍ଠାତା ଡ. ଅର୍ପିତା ଚାଟାର୍ଜୀ, ଆଇନଜୀବୀ ଗୋପେଶ୍ୱର ମୁଖାର୍ଜୀ କଲ୍ୟାଣକାନ୍ତ ମଜମୁଦାର ଯୋଗଦେଇ ଥିଲେ। ଶ୍ରୀ ପାଣିଙ୍କୁ ଏପରି ସମ୍ମାନ ମିଳିଥିବାରୁ ଆନନ୍ଦପୁର ଅଞ୍ଚଳରୁ ଅନେକ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶ୍ରୀ ପାଣି ସାମ୍ବାଦିକ ଗଦାଧର ପାଣିଙ୍କ ପୁତ୍ର।

# କାଠ ବୋଝେଇ ମିନି ଟ୍ରକ୍ ଜବତ

ଡୁରୁମୁଙ୍ଗା,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଭରାଣ୍ଡିଆ ଗାଁ ମୁଣ୍ଡରୁ ଗୁରୁବାର ସନ୍ଧ୍ୟାରେ ଏକ କାଠ ବୋଝେଇ ୪୦୭ ଗାଡ଼ି (ମିନିଟ୍ରକ୍)କୁ ବନ ବିଭାଗ ଜବତ କରି



ରେଞ୍ଜ କାର୍ଯ୍ୟାଳୟକୁ ଆଣିଛି। ଚୋରା କାଠ ଚାଲାଣ ହେଉଥିବା ସମୟରେ ବନ ବିଭାଗ ଖବର ପାଇ ଚଢ଼ଉ କରିଥିଲା। ଚଢ଼ଉବେଳେ କାଠ ଭର୍ତ୍ତି ଏହି ଗାଡ଼ିକୁ ଜବତ କରିଥିଲା। ଗାଡ଼ି ଭିତରୁ ୩୦ଟି ଆକାଶିଆ ଗଣ୍ଡିକୁ ବନ ବିଭାଗ ଜବତ କରିଥିବା ବେଳେ ଜବତ କାଠର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚଢ଼ଉ ଦେଖି ଟ୍ରକ ଡ୍ରାଇଭର ସହ ମାଫିଆ ଫେରାର ହୋଇଯାଇଛନ୍ତି। ଚଢ଼ଉରେ ପାଟଣା ବନ ପାଳ ନିରଞ୍ଜନ ସେଠୀ, ବନରକ୍ଷୀ ହୃଦାନନ୍ଦ ମହାନ୍ତିଙ୍କ ସମେତ ପାରା ଷ୍ଟାଫ ସାମିଲ ଥିଲେ।

# ଜଳିଗଲା ଶହଶହ କାଜୁ ଗଛ

ଡୁରୁମୁଙ୍ଗା,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ଲୁଙ୍ଗା ଗ୍ରାମର କାଜୁ ଜଙ୍ଗଲରେ ନିଆଁ ଲାଗି ଶହ ଶହ କାଜୁ ଗଛ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଜଙ୍ଗଲରେ ନିଆଁ ଲାଗିବା କାରଣ ଅସ୍ପଷ୍ଟ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ନିଆଁକୁ ଆୟତ୍ତ କରିବା ପାଇଁ ବନ କର୍ମଚାରୀଙ୍କ ସହ ଅଗ୍ନିଶମ ବାହିନୀ ଉଦ୍ୟମ ଜାରି ରଖିଛନ୍ତି।

# ୧୯ରୁ ମାଟ୍ରିକ ପରୀକ୍ଷା; ହବ୍‌ରେ ପହଞ୍ଚିଲା ପ୍ରଶ୍ନପତ୍ର

ବାରିପଦା,୧୨।୨(ସମିସ):

- ପରୀକ୍ଷା ଦେବେ ୩୨ ହଜାର ୫୮୪ ଛାତ୍ରଛାତ୍ରୀ
- ୨୧ଟି ନୋଡାଲ ସେଣ୍ଟରରେ ରହିବ ପ୍ରଶ୍ନପତ୍ର
- ଜିପିଏସ୍ ଜରିଆରେ ପ୍ରଶ୍ନପତ୍ର ଗାଡ଼ି ଉପରେ ରହିବ ନଜର

ଆସନ୍ତା ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ସହ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି। ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲାରେ ମୋଟ ୬୨୭ଟି ହାଇସ୍କୁଲର ୩୨ହଜାର ୫୮୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମପୂରଣ କରିଛନ୍ତି। ତନ୍ମଧ୍ୟରୁ ୩୧ହଜାର ୮୦୬ଜଣ ମ୍ୟାଟ୍ରିକ ପରୀକ୍ଷାର୍ଥୀ ଥିବା ବେଳେ ୩୦୯ଜଣ ମଧ୍ୟମା ଓ ୪୬୯ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାର୍ଥୀ ରହିଛନ୍ତି।" ପରିଚାଳନା ପାଇଁ ସାରା ଜିଲ୍ଲାରେ ୧୮୪ଟି ପରୀକ୍ଷା କେନ୍ଦ୍ର ସହ ୨୧ଟି ନୋଡାଲ ସେଣ୍ଟର ସ୍ଥାପନ କରାଯାଇଛି। ପ୍ରଶ୍ନପତ୍ର ବୋର୍ଡ କାର୍ଯ୍ୟାଳୟରୁ ଗୁରୁବାର ନୋଡାଲ କେନ୍ଦ୍ରରେ ପହଞ୍ଚିଛି। ପ୍ରଶ୍ନପତ୍ର ଓ ଅନ୍ୟାନ୍ୟ ଗୋପନୀୟ ସାମଗ୍ରୀ ନେଇ ଆସିଥିବା ଗାଡ଼ିଗୁଡ଼ିକରେ ଜିପିଏସ୍ ବ୍ୟବସ୍ଥା ରହିଥିଲା। ନୋଡାଲ କେନ୍ଦ୍ରରେ କଡା ସୁରକ୍ଷା ଭିତରେ ରଖାଯାଇଛି। ଏଆଇ ସିସି କ୍ୟାମେରା ସହିତ ପୁଲିସ ମୁତୟନ ପୂର୍ବକ ତାହା କଡ଼ା ନଜର ରଖାଯାଇଛି। ପରୀକ୍ଷା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ତାରିଖରେ ସରିବ। ପ୍ରତିଦିନ ସକାଳ ୯ଟାରୁ ଆରମ୍ଭ ହୋଇ ୧୧ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବ। କେବଳ ଶେଷଦିନ ଗଣିତ ପରୀକ୍ଷା ଅଧିକ ୧୫ ମିନିଟ ରହିଥିବାରୁ ୧୧ଟା ୪୫ମିନିଟରେ ସରିବ। ୪୯ଟି ଡେସପାର୍ଚ ଟିମ ନୋଡାଲ କେନ୍ଦ୍ରରୁ କଡା ସୁରକ୍ଷାରେ ପ୍ରଶ୍ନ ପତ୍ର ନେଇ ପରୀକ୍ଷା କେନ୍ଦ୍ର ମାନଙ୍କରେ ପହଞ୍ଚାଇବେ। ପରୀକ୍ଷା ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରଗୁଡ଼ିକର ୧୦୦ମିଟର ପରିଧି ମଧ୍ୟରେ ଅଯଥା ଭିଡ଼ ରୋକିବାକୁ କଟକଣା ଜାରି ହେବ। ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ତଦାରଖ କରାଯିବ। ପରୀକ୍ଷାକୁ ସ୍ୱଚ୍ଛ କରିବା ସହ ପ୍ରଶ୍ନପତ୍ର ଭାଇରାଲ ରୋକିବା ପାଇଁ ବୋର୍ଡ ପକ୍ଷରୁ ଅଭିନବ ପଦକ୍ଷେପ ନିଆଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ହାଇ-ଡେଫିନେସନ୍ ସିସି କ୍ୟାମେରା ଲଗାଯିବା ସହ ପ୍ରଶ୍ନପତ୍ରରେ ସ୍?ତନ୍ତ୍ର ୱାଟର୍‌ମାର୍କ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସମୟରେ କୌଣସି ଶିକ୍ଷକ କିମ୍ବା ପରୀକ୍ଷାର୍ଥୀ କେନ୍ଦ୍ର ମଧ୍ୟକୁ ମୋବାଇଲ୍ ଫୋନ୍ ନେଇପାରିବେ ନାହିଁ। ଯଦି କୌଣସି ପରୀକ୍ଷାର୍ଥୀ ଜରୁରୀ ପରିସ୍ଥିତିରେ ୫ମିନିଟ୍ ବିଳମ୍ବରେ ପହଞ୍ଚନ୍ତି, ତଥାପି ସେମାନଙ୍କୁ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ। ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ ପ୍ରତିନିଧି ଦଳ



ବଡ଼ସାହି,୧୨।୨(ସମିସ): ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଷ୍ଟ୍ରୀୟ ଗୁଣସ୍ତର ନିଶ୍ଚିତକରଣ ମାନଦଣ୍ଡ ସମୀକ୍ଷା ଦଳ ଆସି ପରିଭ୍ରମଣ କରି ଫେରିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କ୍ରିଷ୍ଣା ପ୍ରସାଦ ଲୀଳା (ଆନ୍ଧ୍ରପ୍ରଦେଶ) ଓ ଡ. ଅଜୟ ସିଂ (ଉତ୍ତରପ୍ରଦେଶ) ନ୍ୟାସନାଲ ଆସେସର ତଥା ଅଜିତ କୁଅଁର (ଆସିଷ୍ଟାଣ୍ଟ ମ୍ୟାନେଜର କ୍ୱାଲିଟି) ଆସିଥିବାର ଜଣାଯାଇଛି। ସେମାନଙ୍କୁ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା ସମ୍ବିତ ଦାସ ଓ ଡା ଆହୁତି ଦାସ ଭବ୍ୟ ସ୍ୱାଗତ କରିଥିଲେ। ଏଥିରେ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅନ୍ୟ ସମସ୍ତ କର୍ମଚାରୀ ଓ ଆଶା ଦିଦି ଉପସ୍ଥିତ ଥିଲେ। ଜାତୀୟ ସ୍ତରରେ ଏହି ଦଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ସମୀକ୍ଷା କରିଥିଲେ। ଏଥିରେ ନିରାମୟ ଯୋଜନାରେ ବିଭିନ୍ନ ଔଷଧର ଉପଲବ୍ଧତା, ମାନଦଣ୍ଡ ହିସାବରେ ପରୀକ୍ଷା ଗାରରେ କରାଯାଉଥିବା ବିଭିନ୍ନ ପରୀକ୍ଷା, ଟୀକା କରଣର ସୁବିଧା, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ରାଷ୍ଟ୍ରୀୟ ବାଳ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ଯକ୍ଷ୍ମା, କୁଷ୍ଠ, ମ୍ୟାଲେରିଆ ଆଦି କାର୍ଯ୍ୟକ୍ରମର, ଜନଆରୋଗ୍ୟ ସମିତି ଓ ବିଭିନ୍ନ ରେକର୍ଡର ଯାଞ୍ଚ କରିଥିଲେ। ବିଭିନ୍ନ ଆବଶ୍ୟକ ପରାମର୍ଶ ଆଦି ଦେଇଥିଲେ। ଦୁଇଦିନ ଧରି ଚାଲିଥିବା ସମୀକ୍ଷାରେ ସମୀକ୍ଷା ଦଳ ସନ୍ତୋଷ ପ୍ରକାଶ କରିବା ସହିତ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟସେବାର ସମସ୍ତ ବ୍ୟବସ୍ଥା ଓ ସ୍ୱାସ୍ଥ୍ୟସେବା ପ୍ରଦାନ ପ୍ରତି ଆନ୍ତରିକତାକୁ ପ୍ରଶଂସା କରିଥିଲେ। ଶେଷରେ ସ୍ୱାସ୍ଥ୍ୟସେବା ରେ ନିଜର ସମର୍ପିତ ଭାବନା ସହିତ ଯୋଡି ଥିବା ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ସମୀକ୍ଷା ବୈଠକ ଉଦଯାପନ କରାଯାଇଥିଲା। ଏଭଳି ଜାତୀୟ ସମୀକ୍ଷା ଦଳ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଦେଉଳିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମ ଥର ସମସ୍ତ ନଥିପତ୍ର ଏବଂ ସ୍ୱାସ୍ଥ୍ୟସେବାକୁ ତଦାରଖ କରି ନିଜର ସକରାତ୍ମକ ମତାମତ ଦେବା ଅନ୍ୟ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ନିଶ୍ଚିତ ଭାବରେ ଉଦାହରଣ ବୋଲି ବହୁ ସ୍ଥାନୀୟ ତଥା ବରିଷ୍ଠ ବ୍ୟକ୍ତି ମତାମତ ରଖିଥିଲେ। ଏହା ନିଶ୍ଚିତ ଭାବରେ ଅନ୍ୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କୁ ଅନୁପ୍ରାଣିତ କରିବ ବୋଲି ଆଶା କରାଯାଏ।

# ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ



ରାସଗୋବିନ୍ଦପୁର,୧୨।୨(ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଦେବଶୋଳ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ହେମନ୍ତ ରାଉଳଙ୍କ(୫୧) ପରଲୋକ ଘଟିଛି। ଆଜି ଭୋର ୫ଟା ସମୟରେ ଅସୁସ୍ଥ ହେବାରୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘରକୁ ଫେରୁଥିଲେ। ପରେ ପୁନର୍ବାର ଶରୀର ଅସୁସ୍ଥ ହେବାରୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। କେନ୍ଦ୍ରର ଡାକ୍ତର ପ୍ରାଥମିକ ଚିକିତ୍ସା ସାରି ଉନ୍ନତ ଚିକିତ୍ସା ପାଇଁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ଯିବା ସମୟରେ ନିଚୁଆପଦାଠାରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କର ଆକସ୍ମିକ ମୃତ୍ୟୁ ଖବର ରାସଗୋବିନ୍ଦପୁର, ଦେବଶୋଳ ପ୍ରସାର ହେବା ଫଳରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ମିରୀଗିମୁଣ୍ଡି ଚାମ୍ପିଅନ, ପୁଷ୍କରା ରନର୍ସ ଅପ୍



ଡୁରୁମୁଙ୍ଗା,୧୨।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ଟାଙ୍ଗାରପଡ଼ା ଭଲିବଲ ସଂଘ ତଫରୁ ବୁଧବାର ରାତି ଟାଙ୍ଗାରପଡ଼ା ଭଲିବଲ ପଡ଼ିଆରେ ଏକ ଦିବସୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ୍‌ରେ ମିରିଗୀମୁଣ୍ଡି ସହ ପୁଷ୍କରା ଟିମ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ୨ଟି ଯାକ ସେଟ୍ ମିରିଗିମୁଣ୍ଡି ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିବା ବେଳେ ପୁଷ୍କରା ରନର୍ସ ଅପ ହୋଇଥଲା। ରେଫରି ଭାବେ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ ଓ ଗୋପାଳ କୃଷ୍ଣ ସାହୁ ଖେଳ ପରିଚାଳନା କରିଥିଲା। ଖେଳ ର ଧାରା ବିବରଣୀ କୁ ଶିକ୍ଷକ ପାର୍ଥ ସାରଥୀ ବେଜ ଓ ଇଂରାଜୀ ପ୍ରଧାପକ ଅଶ୍ୱିନୀ କୁମାର ସାହୁ ପ୍ରଦାନ କରିଥିଲେ।

ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଙ୍କ ପାଟଣା ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାୟକ, ସ୍ଥାନୀୟ ସରପଞ୍ଚ ଅନିରୁଦ୍ଧ ନାଏକ, ସମିତି ସଭ୍ୟ ଭାଗବତ ନାଏକ ସାମାଜିକ କର୍ମୀ ଡ଼ାକ୍ତର ସାରଙ୍ଗଧର ପୃଷ୍ଟି, ଦୀପକ ମଣ୍ଡଳ, ପ୍ରମୁଖ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ମନ୍ତ୍ରୀ ଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ଆନିଧି କୁମାର ବେହେରା ଯୋଗ ଦେଇ ଚାମ୍ପିଅନ ମୀରିଗି ମୁଣ୍ଡି ଦଳ ର କ୍ୟାପଟେନ ଙ୍କୁ ୧୦ହଜାର ଟଙ୍କା , ଟ୍ରଫି ଓ ରନର୍ସ ଅଫ ପୁଷ୍କରା ଦଳର କ୍ୟାପଟେନଙ୍କୁ ୫ହଜାର ଟଙ୍କା ଓ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ଭଲିବଲ ଟୁର୍ଣ୍ଣାମେଣ୍ଟ ଆୟୋଜକ ଟାଙ୍ଗାର ପଡ଼ା ଭଲି ବଲ ଆସୋ ସିଏସନ୍ କମିଟି ର ଉଦ୍ୟକ୍ତା ନବକିଶୋର ପୃଷ୍ଟି, ଶୁଶାନ୍ତ କୁମାର ସାହୁ, ରବିନାରାୟଣ ସାହୁ, ତପନ କୁମାର ପୃଷ୍ଟି ପରିଚାଳନାରେ ସହଯୋଗ କରିଥିଲେ।

# ଏମ୍‌ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ଆଇଟିଇପି କୋର୍ସ ଆରମ୍ଭ ପାଇଁ ପ୍ରସ୍ତାବ

ବାରିପଦା,୧୨।୨(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁରରେ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ (ଆଇଟିଇପି) ଆରମ୍ଭ କରିବାକୁ ନେଇ ବିଶ୍ୱବିଦ୍ୟାଳୟକର୍ତ୍ତୃପକ୍ଷଙ୍କୁ ଏକ ପ୍ରସ୍ତାବ ପ୍ରେରଣ କରାଯାଇଛି। ଏହି ପ୍ରସ୍ତାବଟି ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ତଥା ଅନ୍ତରୀଣ ଗୁଣବତ୍ତା ସେଲ୍ ର ପୂର୍ବତନ ସଦସ୍ୟ ଅଭିଷେକ ପଣ୍ଡାଙ୍କ ପକ୍ଷରୁ ଇ-ମେଲ୍ ମାଧ୍ୟମରେ କୁଳପତି, କୁଳ ସଚିବ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଓ ଉକ୍ତ ବିଭାଗ ମୁଖ୍ୟଙ୍କୁ ପ୍ରେରଣ କରାଯାଇଛି। ମୟୂରଭଞ୍ଜ ଜିଲ୍ଲା ଜନଜାତି ପ୍ରାଧାନ୍ୟ ଅଞ୍ଚଳ ହୋଇଥିବା ସହ ଓଡିଶାର ସର୍ବବୃହତ୍ ଜିଲ୍ଲା। ଏଠାର ଅନେକ ମେଧାବୀ ଜନଜାତି ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷାରେ ଉଚ୍ଚ ଶିକ୍ଷା ଗ୍ରହଣ କରିବାକୁ ଇଚ୍ଛୁକ ଥିଲେ ମଧ୍ୟ, ବିଶ୍ୱବିଦ୍ୟାଳୟରେ ଆଇଟିଇପି କୋର୍ସ ନଥିବାରୁ ସେମାନେ ଘର ଛାଡି ଅନ୍ୟତ୍ର ପଢ଼ିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ଅଧିକ ଆର୍ଥିକ ଭାର ର ସମ୍ମୁଖୀନ ହେବାକୁ ପଡିବ ସହ ନାନା ପ୍ରକାର ସାମାଜିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଆଇଟିଇପି ପାଠ୍ୟକ୍ରମର ଗୁରୁତ୍ୱ ବଢ଼ିବା ସହ ରାଜ୍ୟର କେତେକ ଅନୁଷ୍ଠାନ ଏହି କୋର୍ସ ଆରମ୍ଭ କରିଛନ୍ତି। ପୂର୍ବରୁ ମାତ୍ର ଦୁଇଟି ଅନୁଷ୍ଠାନ ଏହି ପାଠ୍ୟକ୍ରମ ଚାଲୁ କରିଥିବା ବେଳେ, ଚଳିତ ବର୍ଷ ଆହୁରି ୯ ଟି ଅନୁଷ୍ଠାନ କୁ ଏନସିଟିଇ ଅନୁମୋଦନ ମିଳିଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ଓ ସମଗ୍ର ଶିକ୍ଷା ଉନ୍ନତିକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟରେ ଉକ୍ତ ପାଠ୍ୟକ୍ରମ ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ପଣ୍ଡା ଅନୁରୋଧ କରିଛନ୍ତି।

# ଶ୍ରୀହନୁମାନଙ୍କ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା

ହାଟଡ଼ିହୀ/ଆନନ୍ଦପୁର,୧୨।୨(ସମିସ): ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ଗ୍ରାମରେ ଶ୍ରୀରାମ କମିଟି ପକ୍ଷରୁ ଶ୍ରୀହନୁମାନଙ୍କ ଭବ୍ୟ ବାର୍ଷିକ ଉତ୍ସବ ସହ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂଜାର୍ଚ୍ଚନା ଓ ମହାପ୍ରସାଦ ବିତରଣ ସହ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅନେକ ଶ୍ରଦ୍ଧାଳୁ ଓ ଅତିଥିମାନେ ଯୋଗ ଦେଇଥିଲେ।



ଏହି ଅବସରରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ଯୁବପିଢ଼ିଙ୍କୁ ସଂସ୍କୃତି ଓ ଶିକ୍ଷାରେ ଆଗୁଆ କରିବାକୁ ପ୍ରେରଣା ଦେଇଥିଲେ। ବିଶେଷ ଅତିଥି ଡା. ଜୟନ୍ତ କୁମାର ଦାଶ ସମାଜସେବା ଓ ଶିକ୍ଷାର ଗୁରୁତ୍ୱ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଏବଂ ଚଣ୍ଡିଆ ବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଅଧ୍ୟକ୍ଷ ଉଦୟନାଥ କର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷାବିତ୍ ସୁଧାଂଶୁ ରାଉତ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗ୍ରାମବାସୀ, ଯୁବଗୋଷ୍ଠୀ ଓ ଶ୍ରୀରାମ କମିଟିର ସଦସ୍ୟ ମାର୍କଣ୍ଡ ଓଝା, ପ୍ରଦୀପ ବିଶ୍ୱାଳ, ଜ୍ୟୋତିରଞ୍ଜନ ବରାଳ, ବିଶ୍ୱଜିତ ବରାଳ, ବନମାଳୀ ପଟ୍ଟନାୟକ, ସୁନୀଲ ନାୟକ, ବିନୋଦ ବରାଳ, ସଞ୍ଜିତ ନାୟକ, ବିଶ୍ୱନାଥ ବରାଳ ଏବଂ ସକ୍ରିୟ ସଦସ୍ୟ ସହଯୋଗ କରିଥିଲେ।

# କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଭୁବନେଶ୍ୱର ବିଜୟୀ




ଆନନ୍ଦପୁର,୧୨।୨(ସମିସ): ଆନନ୍ଦପୁର କ୍ରୀଡ଼ାସଂସଦ ଆନୁକୂଲ୍ୟରେ ଷ୍ଟାଡିୟମ ପଡ଼ିଆଠାରେ ଚାଲିଥିବା ରାଜ୍ୟସ୍ତରୀୟ କୁଶ ପଟ୍ଟନାୟକ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ମୟୂରଭଞ୍ଜ ଫୁଟବଲ କ୍ଲବ୍‌କୁ ଟାଇବ୍ରେକରରେ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ଏଥିସହିତ ସେମିଫାଇନାଲକୁ ଉନ୍ନୀତ ହୋଇଛି। କ୍ରୀଡ଼ା ସଂସଦର ସମ୍ପାଦକ ନବରଞ୍ଜନ ପଟ୍ଟନାୟକଙ୍କ ସଂଯୋଜନାରେ ଆନନ୍ଦପୁର ପୁଲିସ ଏସ୍‌ଡିପିଓ କମଳ କୁମାର ପଣ୍ଡା ଓ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଲୋକ ଦେହୁରୀ, ଧନେଶ୍ୱର ସର୍ଦ୍ଦାର, ଚନ୍ଦନ ସାହୁ ପ୍ରମୁଖ ରେଫରୀ ଦାୟିତ୍ୱ ତୁଲାଇ ଥିବାବେଳେ ଚତୁର୍ଥ ରେଫରୀ ଭାବେ ଆୟୁଷକାରୀ ସ୍ୱାଇଁ ଦାୟିତ୍ୱ ତୁଲାଇଥିଲେ। ବିନୋଦ ମିଶ୍ର, ଗଗନ ସିଂ, ଅକ୍ଷୟ କୁମାର ମହାନ୍ତି, ଉମେଶ ସିଂ, ସଦସ୍ୟ ଅଶୋକ କୁମାର ରାଉଳ ନିକୁଞ୍ଜ ବିହାରୀ ମିଶ୍ର, ବସନ୍ତ କୁମାର ସାହୁ, ମନୋରଞ୍ଜନ ସିଂ, ଆଦିକନ୍ଦ ମହାକୁଡ଼, ତପନ ଜେନା, ପ୍ରସନ କୁମାର ମିଶ୍ର, ଅଜୟ ସେଠୀ, ଅନିମେଷ ମିଶ୍ର, ବାଇଧର ସେଠୀଙ୍କ ସମେତ ବହୁ ପୁରାତନ ଖେଳାଳି ସହଯୋଗ କରିଥିଲେ।

# ବାଉଁଶଗଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ



ଆନନ୍ଦପୁର,୧୨।୨(ସମିସ): ଆନନ୍ଦପୁର ବ୍ଲକ୍ ବାଉଁଶଗଡ଼ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟ କୁମାର ପୁର୍ତ୍ତି ମୁଖ୍ୟଅତିଥି, ବାଉଁଶଗଡ଼ ସରପଞ୍ଚ ସରସ୍ୱତୀ ସେଠୀ ମୁଖ୍ୟବକ୍ତା, ତ୍ରିଲୋଚନପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଧନୁର୍ଜୟ ମହାନ୍ତି, ବରିଷ୍ଠ ନାଗରିକ ସଦାଶିବ ଦେହୁରୀ, ବିଦ୍ୟାଳୟ କମିଟି ସଭାପତି ଗୋପୀନାଥ ସେଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପାର୍ବତୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହକାରୀ ଶିକ୍ଷକ ନୀଳମଣି ରାଉତ, ପ୍ରଦୀପ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୀତାରାଣୀ ବେହେରା, ଶିକ୍ଷକ ସୁଧାକର ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଦ୍ମିନୀ ଦାସ, ପ୍ରେମଲତା ନାଏକ, ମାର୍ଟିନ ପ୍ରମୋଦ ପାତ୍ର, କୌଶଲ୍ୟା ନାଏକ, ଦ୍ରୌପଦୀ ନାଏକ, ରୀନା ନାଏକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଆନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ସମୂହ ଗଛକଟା ଘଟଣା

# ୨୪ ପୂର୍ବରୁ ସତ୍ୟପାଠ ଦାଖଲ ପାଇଁ ଶେଷ ସୁଯୋଗ

ବାରିପଦା,୧୨।୨(ସମିସ):

ସ୍ଥାନୀୟ ପାଲବଣୀଠାରେ ଅନ୍ତଃରାଜ୍ୟ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ ବା ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ହୋଇଥିବା

## ଡିଏଫଓଙ୍କ ସତ୍ୟପାଠ ଅସମ୍ପୂର୍ଣ୍ଣ ଦର୍ଶାଇ ଅସନ୍ତୋଷ ବ୍ୟକ୍ତ

ମାମଲାର ଶୁଣାଣି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତେବେ ମୟୂରଭଞ୍ଜ ଜିଲ୍ଲାପାଳ, ରାଜ୍ୟ ମୁଖ୍ୟଶାସନ ସଚିବ ଏଯାଏଁ ସତ୍ୟପାଠ ଦାଖଲ କରି ନଥିବାରୁ ଶେଷ ସୁଯୋଗ ଦେଇଛନ୍ତି ଟ୍ରିବ୍ୟୁନାଲ। ଆସନ୍ତା ୨୪ ତାରିଖ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶୁଣାଣି ବେଳେ ବାରିପଦା ଡିଏଫଓଙ୍କ ସତ୍ୟପାଠ ଅସମ୍ପୂର୍ଣ୍ଣ ଦର୍ଶାଇ ଟ୍ରିବ୍ୟୁନାଲ୍ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟ୍ରିବ୍ୟୁନାଲ ଏହି ମାମଲାରେ ସମୁଦାୟ ୬ଟି ପକ୍ଷ ଙ୍କୁ ନୋଟିସ ଜାରି କରିଥିବା ବେଳେ"ଏବେ ଯାଏଁ ୫ ଜଣପକ୍ଷ ଉତ୍ତର ରଖି ନାହାନ୍ତି। ୬ ପକ୍ଷଙ୍କ ମଧ୍ୟରୁ କେବଳ ରାଜ୍ୟ ଜୈବ ବିବିଧତା ବୋର୍ଡ ଏକମାତ୍ର ପକ୍ଷ ଭାବେ ସତ୍ୟପାଠ ଦାଖଲ କରିଛି। ଅପରପକ୍ଷରେ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ଓ ରାଜ୍ୟ ସଡକ ପରିବହନ ବିଭାଗ ହାଜର ହୋଇ ସତ୍ୟପାଠ ଦାଖଲ ପାଇଁ ସମୟ ମାଗିଛନ୍ତି। ସେହିପରି ବସ୍ ଟର୍ମିନାଲ ନିର୍ମାଣ ପାଇଁ କଟାଯାଇଥିବା ଗଛର ଗଣ୍ଡିକୁ ପୋଡ଼ି ନଷ୍ଟ କରୁଥିବା ନେଇ ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଛି। ଯାହା ଦ୍ୱାରା ସଠିକ୍ ଭାବେ କେତେ ଗଛ କଟାଯାଇଛି ତାହାକୁ ଲୁଚାଇବାକୁ ଚେଷ୍ଟା କରାଯାଉଛି ବୋଲି ଯୁକ୍ତି ଉପସ୍ଥାପନ କରାଯାଇଛି ବୋଲି ଅଭିଯୋଗକାରୀଙ୍କ ଆଇନଜୀବୀ ଶଙ୍କର ପ୍ରସାଦ ପାଣିଙ୍କ ଠାରୁ ଜଣାପଡିଛି।

ସୂଚନା ମୁତାବକ, ଡିସେମ୍ବର ୧୭ତାରିଖରୁ ସରକାରୀ ନିୟମକୁ ଉଲଂଘନ କରି ପରିବେଶକୁ କ୍ଷତି ପହଞ୍ଚାଇବାକୁ ଯାଇ ବାରିପଦାର ପାଲବଣି ଠାରେ ପ୍ରସ୍ତାବିତ ଅନ୍ତରାଜ୍ୟ ବସଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛକଟାକୁ ନେଇ କଂଗ୍ରେସ ଦଳର ଯୁବନେତା ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଅନୁଯାୟୀ କୋଲକାତାସ୍ଥ ଇଷ୍ଟର୍ଣ୍ଣ ଜୋନ ବେଂଚରେ ୨୧୩/ ଇଜେଡ /୨୦୨୫ରେ ମାମଲା ରୁଜୁ ହୋଇଥିଲା। ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗି ଓ ଏକ୍ସପୋର୍ଟ ମେମ୍ବର ଇଶ୍ୱର ସିଂ ମାମଲା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାନୁଆରୀ ୫ତାରିଖରେ ପ୍ରଥମ ଶୁଣାଣି ଥିବା ବେଳେ ସରକାରଙ୍କ ପକ୍ଷରୁ ଆଇନଜୀବୀ ୨୧ଦିନର ସମୟ ମାଗିଥିବାରୁ ଶୁଣାଣି ଘୁଞ୍ଚିଛି। ଏହି ମାମଲାରେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସଡକ ପରିବହନ ନିଗମର ମ୍ୟାନେଜିଂ ଡାଇରେକ୍ଟର, ରାଜ୍ୟ ସରକାରଙ୍କ ଜୈବ ବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଜିର ଶୁଣାଣିରେ ଆସନ୍ତା ୨୪ ତାରିଖ ପୂର୍ବରୁ ସତ୍ୟପାଠ ଦାଖଲ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

